ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ମଙ୍ଗଳବାର ୨୫ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 November 2025
Vol.No. 36 ■ No.310 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଚିର ନିଦ୍ରାରେ ଧର୍ମେନ୍ଦ୍ର

- ଶୋକରେ ବୁଡ଼ିଛି ବଲିଉଡ୍
- ହି-ମ୍ୟାନଙ୍କୁ ଝୁରୁଛନ୍ତି ଅଗଣିତ ପ୍ରଶଂସକ
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ



ନୂଆଦିଲ୍ଲୀ,୨୪/୧୧ : ଆରପାରିରେ ଧର୍ମେନ୍ଦ୍ର । ଶୋକରେ ବୁଡ଼ିଛି ବଲିଉଡ୍, ହି-ମ୍ୟାନ୍‌ଙ୍କୁ ଝୁରୁଛନ୍ତି ଅଗଣିତ ପ୍ରଶଂସକ । ଭେଟେରାନ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ଖବରରେ ସ୍ତବ୍ଧ ସାରା ଦେଶ । ମୁମ୍ବାଇରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ, ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି । ବଲିଉଡ୍‌ରେ ଗୋଟିଏ ଯୁଗର ଅନ୍ତ । କାହା ପାଇଁ ସେ ହି-ମ୍ୟାନ୍, ମେଗା ଷ୍ଟାର.. ଆଉ କାହା ପାଇଁ ଏବେ ବି ଥିଲେ ଶୋଲେର ଭୀରୁ । ଯାହାଙ୍କ ପ୍ରତିଟି ଡାଇଲଗ୍ ଅଭୁଲା । ଯାହାଙ୍କ ପ୍ରତିଟି ଆକ୍ସନ୍ ଯୋଶିଲା, ଯିଏ ପରଦାକୁ ଆସିଲେ, ଦର୍ଶକଙ୍କ ସିଟିରେ ହଲ୍ ଫାଟି ପଡୁଥିଲା । ଆଜି ଚିର ନିଦ୍ରାରେ ସେଇ ଧରମ୍ ଜୀ । ୮୯ ବର୍ଷ ବୟସରେ ଆଖି ବୁଜିଛନ୍ତି ଭେଟେରାନ୍ ବଲିଉଡ୍ ଅଭିନେତା 'ଧର୍ମେନ୍ଦ୍ର' । ଆଜି ଅପରାହ୍ଣରେ ଅଚାନକ୍ ସାମ୍ନାକୁ ଆସିଥିଲା ତାଙ୍କ ଦେହାନ୍ତ ଖବର । ପୂର୍ବ ଭଳି ଇଏ ବି ଏକ ଗୁଜବ ହୋଇଥାଉ ବି ପ୍ରାର୍ଥନା କରିଥିଲେ ଫ୍ୟାନ୍ । ହେଲେ ଇଏ ଆଉ ଗୁଜବ ନଥିଲା । ଅମିତାଭ ବଚ୍ଚନଙ୍କ ସମେତ ବହୁ ବଲିଉଡ୍ ତାରକା ତାଙ୍କ ଶେଷ ଦର୍ଶନ କରିବା ପରେ, ପତ୍ନୀ ହେମାମାଳିନୀ ଓ ସନ୍ତାନସନ୍ତତିଙ୍କ ଉପସ୍ଥିତିରେ, ମୁମ୍ବାଇ ଜୁହୁ ସ୍ଥିତ ପଓ୍ୱନ ହଂସ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ପଞ୍ଜାବର ଏକ ଛୋଟ ଗାଁରୁ ଆସି ବଲିଉଡ୍‌ର ହି-ମ୍ୟାନ୍ ବନିଥିଲେ ଧର୍ମେନ୍ଦ୍ର । ସୁଠାମ ଶରୀର, ଗୁରୁ ଗମ୍ଭୀର ଡାଇଲଗ୍ । ଆକ୍ସନ୍, କମେଡି, ସବୁଥିରେ ନିଆରା ଛାପ । ହ୍ୟାଣ୍ଡସମ୍ ହଙ୍କ୍ ଭାବେ, ବଲିଉଡ୍ ସିନେମାକୁ ଦେଇଥିଲେ ନୂଆ ଏକ ଦିଗ । ୬ ଦଶନ୍ଧିରେ ୩ଶହରୁ ଅଧିକ ଫିଲ୍ମ । ୧୯୬୦ରେ 'ଦିଲ୍ ଭି ତେରା, ହମ୍ ଭି ତେରେ'ରୁ ଯାତ୍ରା ଆରମ୍ଭ ହୋଇ, ସରିଥିଲା ଆସନ୍ତା ମାସ ରିଲିଜ୍ ହେବାକୁ ଥିବା ଫିଲ୍ମ ଇକ୍କିସ୍‌ରେ । ରାଜନୀତିରେ ବି ଥିଲା ତାଙ୍କର ସଂକ୍ଷିପ୍ତ କ୍ୟାରିୟର । ୨୦୦୪ ରୁ ୨୦୦୯ ଯାଏଁ ବିକାନିରରୁ ବିଜେପି ସାଂସଦ ବନିଥିଲେ ଧର୍ମେନ୍ଦ୍ର । ହେଲେ ଅଭିନୟରେ ଲାଗିନଥିଲା ବ୍ରେକ୍ । ସିନେମା ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୨ରେ ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ ଭାରତ ସରକାର । ତେବେ ଗତ କିଛି ବର୍ଷ ହେଲା ବାର୍ଦ୍ଧକ୍ୟ ସହ ବିଗିଡ଼ିଥିଲା ସ୍ୱାସ୍ଥ୍ୟ । ଗତ ନଭେମ୍ବର ୧ରେ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । କିଛି ଦିନ ତଳେ ଡିସଚାର୍ଜ ହୋଇଥିଲେ । ଆଜି ତାଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ।

## ମାସିକ ଦରମା ୧୮ ହଜାର ଦାବି: ଅଙ୍ଗନୱାଡି କର୍ମୀ ଓ ସହକର୍ମୀଙ୍କ ଆନ୍ଦୋଳନ




ଭୁବନେଶ୍ୱର, ୨୪/୧୧ (ନି.ପ୍ର): ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲ । ଏବେ ପୂରଣ କର । ନହେଲେ ଟ୍ରେଲର ଦେଖିଲ ଆଗକୁ ଫିଲ୍ମ ଦେଖିବ । ସରକାରଙ୍କୁ ଏମିତି କିଛି କହି ଧାରଣାରେ ବସିଛନ୍ତି ଅଙ୍ଗନବାଡି କର୍ମୀ । ୧୧ ଦଫା ଦାବି ନେଇ ରାଜଧାନୀର ଲୋୟର ପିଏମଜିରେ ଆନ୍ଦୋଳନ କରିଛନ୍ତି ହଜାର ହଜାର କର୍ମୀ । ପ୍ରମୁଖ ଦାବି ରହିଛି କର୍ମୀଙ୍କୁ ୩ ହଜାର ଓ ସହାୟକାଙ୍କ ଦରମାରେ ୨ ହଜାର ଟଙ୍କା ବୃଦ୍ଧି । ପୂର୍ବରୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ଏବେର ସରକାର । ସରକାର ଟଙ୍କା ନଦେବାରୁ ,କଥା ମନେ ପକାଇବାକୁ ଆସିଛୁ ବୋଲି କହିଛି ସଂଘ । ଏବେ ଅଙ୍ଗନବାଡି କର୍ମୀଙ୍କ ଦରମା ୧୮ ହଜାର ଟଙ୍କା ସହ ସହକର୍ମୀଙ୍କ ଦରମା ୯ ହଜାର କରିବାକୁ ଦାବି କରିଛନ୍ତି । ଗତ ବର୍ଷ ଡିସେମ୍ବର ୧୬ରେ ରାଜରାସ୍ତାକୁ ଓହ୍ଲାଇଥିଲା ସଂଘ । ଏବେ ପୁଣି ପାଖାପାଖି ବର୍ଷକ ପରେ ବଡ ଆନ୍ଦୋଳନ । ଆଗକୁ ବିଧାନସଭା ଶୀତ ଅଧିବେଶନ ଆସୁଥିବାରୁ ଆଗୁଆ ସରକାରଙ୍କ ଉପରେ ଚାପ ପକାଇବାକୁ ସଂଘ ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଛି । ଯଦି ବିଧାନସଭାରେ ସରକାର ଘୋଷଣା ନକରାଯାଏ ତେବେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଧମକ ଦେଇଛି ସଂଘ । ଅନ୍ୟ ଦାବି ଗୁଡିକ ମଧ୍ୟରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ଜାତୀୟ ଶିକ୍ଷାନୀତି ଅନୁସାରେ ଶିକ୍ଷୟିତ୍ରୀ ଭାବରେ ସମସ୍ତଙ୍କୁ ଗଣାଯାଉ, ଅବସରପ୍ରାପ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ୫ ହଜାର ଏଵଂ ସହକର୍ମୀଙ୍କୁ ୩ ହଜାର ଟଙ୍କା ମାସିକ ପେନସନ ପ୍ରଦାନ ଦାବି ରହିଛି । ଏଥିସହ ସରକାରୀ କାର୍ଯ୍ୟ ପାଇଁ ଉନ୍ନତମାନର ମୋବାଇଲ ହ୍ୟାଣ୍ଡସେଟ ଦେବାକୁ ଦାବି କରାଯାଇଛି । ପୂର୍ବରୁ ଯେହେତୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅଲଗା ସରକାର ରହୁଥିଲେ ତେଣୁ ଦାବି ଉପରେ ନିଷ୍ପତ୍ତି ନେବା ଅସୁବିଧା ହେଉଥିଲା । ଏବେ ଡବଲ ଇଂଜିନି ସରକାର ରହିଥିବାରୁ ଦାବି ପୂରଣରେ କିଛି ସମସ୍ୟା ହେବ ନାହିଁ ବୋଲି ସଂଘ କହିଛି । ତେବେ ସରକାର ସଂଘର ଦାବି ଉପରେ କି ନିଷ୍ପତ୍ତି ନେଉଛନ୍ତି ତାକୁ ଅପେକ୍ଷା ।

## ୪୮ ଘଣ୍ଟାରେ ବାତ୍ୟା: ଓଡ଼ିଶାରେ ପଡ଼ିବନି ପ୍ରଭାବ



ଭୁବନେଶ୍ୱର, ୨୪/୧୧ (ନି.ପ୍ର): ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାର ରୂପ ନେବ ହେଲେ ସମୁଦ୍ରରେ ହିଁ ବଳ ହରାଇବ । ଉପକୂଳକୁ ଛୁଇଁବା ପୂର୍ବରୁ ଦୁର୍ବଳ ହୋଇଯିବ ବାତ୍ୟା । ତେବେ ଆଶ୍ୱସ୍ତିର କଥା ହେଉଛି, ଏହି ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ଆଦୌ ପଡ଼ିବନି । ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ଘନୀଭୂତ ହେଉଛି ଲଘୁଚାପ । ଆଗାମୀ ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତର ପରିଣତ ହେବ । ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଏହା ଆଗକୁ ବଢ଼ିବ । ପରବର୍ତ୍ତୀ ୪୮ ଘଣ୍ଟାରେ ବାତ୍ୟାର ରୂପ ନେବ । ହେଲେ ଏହା ଓଡ଼ିଶା ଉପରେ ପ୍ରଭାବ ପକାଇବ ନାହିଁ । ପାଣିପାଗ ବିଭାଗ ପକ୍ଷରୁ ଏନେଇ ଆଶ୍ୱସ୍ତ କରାଯାଇଛି । ସମୁଦ୍ର ଭିତରେ ହିଁ ଦୁର୍ବଳ ହେବ ବାତ୍ୟା । ଓଡ଼ିଶାରେ ୭ ଦିନ ପର୍ଯ୍ୟନ୍ତ ଶୁଖିଲା ରହିବ ପାଗ ।

▶▶ପୃଷ୍ଠା ୭

## ପୁଣି ଲୋକଙ୍କ ଅଭିଯୋଗ ଶୁଣିଲେ ମୋହନ

### ପାଖକୁ ଯାଇ ବୁଝିଲେ ଦିବ୍ୟାଙ୍ଗଙ୍କ ଦୁଃଖ



କନକ ବ୍ୟୁରୋ : ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି ପୁଣି ଲୋକଙ୍କ ଦୁଃଖ ଶୁଣିଛନ୍ତି ମୋହନ ମାଝୀ । ପୁଳା ପୁଳା ଅଭିଯୋଗ ନେଇ ଲୋକେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ଲୋକଙ୍କ ଅଭିଯୋଗର ୯୬ପ୍ରତିଶତ ସମାଧାନ ହୋଇଛି ବୋଲି ସରକାର ଦାବି କରିଛନ୍ତି । ଯାଜପୁରର ମାଣିକ ରଥ । ବୟସ ୮୬ । ଏହି ପରିଣତ ବୟସରେ ଏକା ଏକା ବିତୁଛି ଜୀବନ । ପୁଅ, ବୋହୂ ଅଛନ୍ତି, କିନ୍ତୁ ବାହାରେ ଚାକିରି କରୁଛନ୍ତି, ପୁଣି ଅଲଗା ଅଲଗା । ଏହି ବୟସରେ ପାଖରେ କେହି ରହୁନଥିବାରୁ ମାଣିକ ଅସହାୟ ହୋଇପଡ଼ିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି କୋରାପୁଟରୁ ପୁଅକୁ ବଦଳି କରି ଯାଜପୁର ଆଣିବାକୁ । ସେହିପରି କେନ୍ଦ୍ରାପଡ଼ାର ସନ୍ତୋଷ ସାହୁ । ଦିବ୍ୟାଙ୍ଗ କୋଟାରେ ୨୦୧୪ ମସିହାରେ ଚାକିରି ପାଇଥିଲେ । ୨୦୨୧ରେ କୌଣସି କାରଣ ନଦର୍ଶାଇ ତାଙ୍କୁ ଚାକିରିରୁ ବାହାର କରିଦିଆଯାଇଥିଲା । ନ୍ୟାୟ ପାଇଁ ନେତା ଓ ଅଧିକାରୀଙ୍କ ପାଖକୁ ଯାଇ ନିରାଶ ହୋଇଥିଲେ । ଏବେ ହାଇକୋର୍ଟ ସନ୍ତୋଷକୁ ପୁଣି ଚାକରି ଦେବାକୁ ନିର୍ଦ୍ଦେଶ ଦେବା ପରେ ବି ଏହା କାର୍ଯ୍ୟକାରୀ ହେଉନାହିଁ । ଏ ନେଇ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି ସନ୍ତୋଷ । ଆଉ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିରେ ସନ୍ତୋଷ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ଆଜି ଥିଲା ୧୫ତମ ପାଳି । ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକ ଆସି ମୁଖ୍ୟମନ୍ତ୍ରୀଙ୍କୁ ନିଜର ସମସ୍ୟା ଶୁଣାଇଛନ୍ତି । ୧୪ଟି ପାଳିରେ ୧୨ ହଜାର ୯୫୦ ଅଭିଯୋଗ ଆସିଛି । ୫୦ହଜାର ଲୋକ ଏ ଯାଏଁ ଆସିସାରିଲେଣି । ୧୨ ହଜାର ୩୭୧ ଅଭିଯୋଗରୁ ୯୬% ଅଭିଯୋଗର ସମାଧାନ ହୋଇଛି ବୋଲି ସରକାର ଦାବି କରିଛନ୍ତି । ଅଭିଯୋଗ ଶୁଣାଣି ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ସମସ୍ୟା ଜିଲ୍ଲା ସ୍ତରରେ ହୋଇପାରିବ ସେଠାରେ ସମାଧାନ ହେଉ । ଭୁବନେଶ୍ୱରକୁ କେବଳ ବଡ଼ ବଡ଼ ଜଟିଳ ମାମଲା ଆସିବ । ଆଜି ମୁଖ୍ୟମନ୍ତ୍ରୀଙ୍କ ଅନେକ ସରକାରୀ କାମ ଥିଲା ।

## ଆଜି ଓଡିଶା ଆସୁଛନ୍ତି ଶୁଭାଂଶୁ ଶୁକ୍ଲା

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଆସନ୍ତାକାଲି ଓଡିଶା ଆସୁଛନ୍ତି ଶୁଭାଂଶୁ ଶୁକ୍ଲା । ୨୬ ତାରିଖ କାର୍ଯ୍ୟକ୍ରମରେ ଯୋଗ ଦେବେ । ଭାରତର ଗର୍ବ ତଥା ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲା ଓଡିଶା ଆସୁଛନ୍ତି ।୨୬ ତାରିଖରେ ଭୁବନେଶ୍ୱର ସ୍ଥିତ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ । ସେଠାରେ ସେ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେବେ । ଏହା ସହିତ ସ୍ପେସ ସମ୍ବନ୍ଧୀୟ ଅନେକ କଥା ମଧ୍ୟ ରଖିବେ । ଗଗନାଯାନ ନିଜର ଅନୁଭୂତି ବିଷୟରେ ପିଲାଙ୍କ ସହ କିଛି ମୁହୂର୍ତ୍ତ ବାଣ୍ଟିବେ । ଏନେଇ ସୂଚନା ଦେଇଛନ୍ତି ସ୍କୁଲ ପ୍ରିନ୍ସିପାଲ ଡଃ ନୀଳକଣ୍ଠ ପାଣିଗ୍ରାହୀ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉପସ୍ଥିତ ରହିବେ ।

## ଚାଷୀଙ୍କ ଲାଭବାନ ପାଇଁ ସରକାର ଚିନ୍ତା କରନ୍ତୁ: କଂଗ୍ରେସ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଚାଷୀ ପ୍ରସଙ୍ଗ ନେଇ ସରକାରଙ୍କୁ ଟର୍ଗେଟ କଲା କଂଗ୍ରେସ । କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ନୂଆ ସରକାର ଆସୁ ଆସୁ କହିଥିଲେ କଟନି ଛଟଣି ହେବ ନାହିଁ କିନ୍ତୁ ଗତ ରବି ହେଉ ଖରିଫ ହେଉ ସବୁଠି କଟଣୀ ଛଟଣି ହେଲା । ଏ ସରକାର ଯେତେ କଥା କହୁଛନ୍ତି, ସମୟ ଆସିଲା ବେଳକୁ ତାହାକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା କାର୍ଯ୍ୟକାରୀ କରୁ ନାହାନ୍ତି ।

## ଲୋକଙ୍କ ସେବକ ହେଇ କାମ କର: ସୁରେଶ ପୂଜାରୀ

ଭୁବନେଶ୍ୱରଭୁବନେଶ୍ୱର, ୨୪/୧୧ (ନି.ପ୍ର): ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିବା ବେଳେ ଜିଲ୍ଲାସ୍ତରରୁ ଲୋକଙ୍କ ସେବକ ହୋଇ ସମସ୍ୟା ସମାଧାନ କରିବାକୁ ଅଧିକାରୀମାନଙ୍କୁ ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଅଭିଯୋଗ ଶୁଣାଣିକୁ ଅନେକ ଲୋକ ଜିଲ୍ଲା ସ୍ତରରୁ ଅଭିଯୋଗ ନେଇ ଆସିଥିଲେ । ଅଭିଯୋଗ ଗୁଡ଼ିକର ସମାଧାନ ଜିଲ୍ଲା ସ୍ତରରେ ହୋଇପାରିଥାନ୍ତା । 'ଏସବୁ ଅଭିଯୋଗ ଶୁଣି ରାଜସ୍ୱ ମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ, ମୂଳ ଦିନରୁ ସରକାରଙ୍କ ଗୋଟିଏ ନିୟମ ଲୋକଙ୍କ ସେବକ ହୋଇ କାମ କର । ଯିଏ କାର୍ଯ୍ୟାଳୟକୁ ଆସୁଛି ଚେୟାର ଦିଅ ବସିବାକୁ , ପିଇବାକୁ ପାଣି ଗ୍ଲାସ୍ ଦିଅ, ଧୈର୍ଯ୍ୟର ସହ ସମସ୍ୟା ଶୁଣ ଏବଂ ନିର୍ଦ୍ଦିଷ୍ଟ ସମୟରେ ସମସ୍ୟା ସମାଧାନ କର । ଅନେକଙ୍କ ଉପରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆସରିଛି । ଏ ନିୟମ ଜିଲ୍ଲାରୁ ନେଇ ମୋ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଲାଗୁ ।

## ଶପଥ ନେଲେ ସୁପ୍ରିମକୋର୍ଟର ନୂଆ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ,୨୪/୧୧ : ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ନୂତନ ମୁଖ୍ୟ ବିଚାରପତି ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କୁ ସିଜେଆଇ ଭାବରେ ଶପଥ ପାଠ କରାଇଥିଲେ । ଏହି ସମୟରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଉପସ୍ଥିତ ଥିଲେ । ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କ ସିଜେଆଇ ଭାବରେ କାର୍ଯ୍ୟକାଳ ୨୩ ନଭେମ୍ବର, ୨୦୨୫ ରେ ଶେଷ ହୋଇଥିଲା । ସେ ସାଢ଼େ ଛଅ ମାସ ପାଇଁ ଏହି ପଦରେ ରହିଥିଲେ । ସିଜେଆଇ ଭାବରେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ପ୍ରାୟ ଦେଢ଼ ବର୍ଷ ହେବ । ସେ ୯ ଫେବୃଆରୀ, ୨୦୨୭ ରେ ଅବସର ଗ୍ରହଣ କରିବେ । ବର୍ତ୍ତମାନ ତାଙ୍କର ବୟସ ୬୩ ବର୍ଷ ।୧୯୬୨ ମସିହାରେ ହରିୟାଣାରେ ଜନ୍ମିତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୧୯୮୪ ମସିହାରେ ପ୍ରଥମେ ହିସାରରେ ଓକିଲାତି ଜୀବନ ଆରମ୍ଭ କରିଥିଲେ । ଏହାପରେ ପଞ୍ଜାବ ଓ ହରିଆଣା ହାଇକୋର୍ଟରେ କାର୍ଯ୍ୟ କରିଥିଲେ । ୨୦୦୦ ମସିହାରେ ସେ ହରିଆଣାର ସର୍ବକନିଷ୍ଠ ଆଡଭୋକେଟ୍ ଜେନେରାଲ ଭାବେ ଦାୟିତ୍ୱ ନେଇଥିଲେ । ୨୦୦୪ ମସିହାରେ ପଞ୍ଜାବ ଓ ହରିଆଣା ହାଇକୋର୍ଟର ବିଚାରପତି ହୋଇଥିଲେ । ୨୦୧୮ ମସିହାରେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନେଇଥିଲେ । ୨୦୨୪ ନଭେମ୍ବର ମାସରୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ଲିଗାଲ୍ ସର୍ଭିସ୍ କମିଟିର ଚେୟାରମ୍ୟାନ ଭାବେ କାର୍ଯ୍ୟ କରୁଥିଲେ । ତେବେ ଜଷ୍ଟିସ୍ ବି.ଆର. ଗଭାଇଙ୍କ କାର୍ଯ୍ୟକାଳ ସରିବା ପରେ ଆଜି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଭାବେ ଶପଥ ନେବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ।

## ଦିଲ୍ଲୀ ବିକ୍ଷୋଭରେ ନିହତ ନକ୍ସଲ ନେତା ହିଡ଼୍‌ମାକୁ ସଜାଇଲେ ହିରୋ: ପୋଷ୍ଟର ଧରି ଅମର ରହେ ସ୍ଲୋଗାନ ଦେଇ ପୁଲିସ ସହ ମୁହାଁମୁହିଁ




ନୂଆଦିଲ୍ଲୀ,୨୪/୧୧ : ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗରେ ଜୋରଦାର ବିକ୍ଷୋଭ, କିନ୍ତୁ ଏଥରକ ଚିତ୍ର ଥିଲା ସବୁଠୁ ଅଲଗା ଓ ଆଶ୍ଚର୍ଯ୍ୟଜନକ । କାରଣ ପ୍ରଦର୍ଶନକାରୀମାନେ ନିହତ ନକ୍ସଲ ହିଡ଼୍‌ମା ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ତା' ଫଟୋ ଥିବା ପୋଷ୍ଟର ଧରି ଇଣ୍ଡିଆ ଗେଟ୍ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁଲିସ ଆଖିରେ ଲଙ୍କାଗୁଣ୍ଡ ପକାଇବା ଅଭିଯୋଗରେ ୨୦ରୁ ଅଧିକଙ୍କୁ ଗିରଫ କରାଯାଇଛି । ଦିନକୁ ଦିନ ବିଷ ପାଲଟୁଛି ଦିଲ୍ଲୀର ବାୟୁ । ପ୍ରଦୂଷଣ ବିରୋଧରେ ଦିଲ୍ଲୀ ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ରାଜନୈତିକ ଦଳ କେବେ ପ୍ରଦର୍ଶନ କରୁଛନ୍ତି ତ ପୁଣି କେବେ ସାମ୍ବାଦିକ ସମ୍ମିଳନୀ କରି ଘେରୁଛନ୍ତି । କିନ୍ତୁ ରବିବାର ସଂଧ୍ୟାରେ ଇଣ୍ଡିଆ ଗେଟ୍ ସମ୍ମୁଖରେ ଦେଖିବାକୁ ମିଳିଥିଲା ଆଶ୍ଚର୍ଯ୍ୟଜନକ ଚିତ୍ର । ନିପାତ ନକ୍ସଲ ନେତା ହିଡ଼୍‌ମା ସମର୍ଥନରେ ପ୍ଲା କାର୍ଡ ଧରି ଗୁଣଗାନ କରୁଥିଲେ ଯୁବ ପ୍ରଦର୍ଶକାରୀ । ଏଠି ପ୍ରଶ୍ନ ଉଠିପାରେ, ହଠାତ୍ ବାୟୁ ପ୍ରଦୂଷଣ ବିରୋଧୀ ପ୍ରଦର୍ଶନରେ କାହିଁକି ଉଠିଲା ନକ୍ସଲ ହିଡ଼୍‌ମାର ନାଁ ? କାହିଁକି 'ହିଡ଼୍‌ମା ଅମର ରହେ' ସ୍ଲୋଗାନ ଦେଉଥିଲେ ପ୍ରଦର୍ଶନକାରୀ ? କାହିଁକି ନକ୍ସଲଙ୍କୁ ମହିମାମଣ୍ଡିତ କରିଥିଲେ ? ପୁଲିସ ଧାରଣାସ୍ଥଳରୁ ପ୍ରଦର୍ଶନକାରୀଙ୍କୁ ଉଠାଇବା ସମୟରେ ଆକ୍ରଣମର ଶିକାର ମଧ ହୋଇଛି । ପୁଲିସକର୍ମୀଙ୍କ ଆଖିରେ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅଭିଯୋଗରେ ୨୦ରୁ ଅଧିକଙ୍କୁ ଗିରଫ କରାଯାଇଛି । ଦିଲ୍ଲୀ ପୁଲିସର ସୂଚନା ଅନୁସାରେ, ପ୍ରଦର୍ଶନକାରୀଙ୍କ ମଧ୍ୟରେ କିଛି ଅସାମାଜିକ ତତ୍ତ୍ୱ ପଶି ଏଭଳି ଷଡ଼୍‌ଯନ୍ତ୍ର କରିଥିଲେ ।

▶▶ପୃଷ୍ଠା ୭

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର,୨୪/୧୧ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ, ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ୱାବଧାନରେ କୋରାପୁଟ ଜିଲ୍ଲାର ସମସ୍ତ ବିଚାରାଳୟ ତଥା ତାଲୁକା ସ୍ତରରେ କୋରାପୁଟ, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ, ଲକ୍ଷ୍ମୀପୁର, କୋଟପାଡ ଏବଂ ବୋରିଗୁମ୍ମାରେ ଆଜି ସରକାରୀ ବିଦ୍ୟାଳୟ ଏବଂ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇଟି ବର୍ଗରେ ଯଥା ସପ୍ତମ ଶ୍ରେଣୀ ଅଷ୍ଟମ ଶ୍ରେଣୀ ବର୍ଗ-୧ ଏବଂ ନମବ ଶ୍ରେଣୀ ଦଶମ ଶ୍ରେଣୀ ବର୍ଗ ୨ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଏ.ଡି.ଆର୍. କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ଦୌରାଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର କୋରାପୁଟ ପ୍ରଦୀପ କୁମାର ମହନ୍ତ, ଅତିରିକ୍ତ ଜିଲ୍ଲା ଜଜ୍-ସହ-ସ୍ୱତନ୍ତ୍ର ଜଜ୍ ପୋକସୋ ଡ. ସଂଘମିତ୍ରା ଦାଶ, ବରିଷ୍ଠ ଦେୱାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଅଳକନନ୍ଦା ମହାନ୍ତି, ରେଜିଷ୍ଟ୍ରାର ସିଭିଲ କୋର୍ଟ ତଥା ଭାରପ୍ରାପ୍ତ ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ବିଷ୍ଣୁ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ହରମନ ଦାଶ, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକାରୀ ସୁଶ୍ରୀ ଦୀକ୍ଷ୍ୟ ରାଉତରାଏ, ପ୍ରବେସନ ମାଜିଷ୍ଟ୍ରେଟ୍ ଦେବଦତ ଜେନା ଉପସ୍ଥିତ ରହି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ, କୌଣସି ପ୍ରତିଯୋଗୀଙ୍କୁ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ଏବଂ ତୃତୀୟ ସ୍ଥାନ ଘୋଷଣା କରାଯାଇ ନାହିଁ । କାରଣ କୋରାପୁଟ ଜିଲ୍ଲାର ସମସ୍ତ ବିଚାରାଳୟ ତଥା ତାଲୁକା ଆଇନ ସେବା କମିଟିର କୋରାପୁଟ, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ, ଲକ୍ଷ୍ମୀପୁର, କୋଟପାଡ ଏବଂ ବୋରିଗୁମ୍ମା କୋର୍ଟରୁ ପ୍ରତିଯୋଗୀ ମାନଙ୍କ ଚିତ୍ରାଙ୍କନ ସିଟ ଗୁଡିକୁ ଜୟପୁର କୋର୍ଟକୁ ପ୍ରେରିତ କରି ଏକାଠି ମୂଲ୍ୟାଙ୍କନ କରାଯାଇ ଦୁଇଟି ଶ୍ରେଣୀ (ଯଥା-୧ ଓ ୨) ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ଏବଂ ତୃତୀୟ ସ୍ଥାନ ଘୋଷଣା କରାଯାଇ ପୁରସ୍କାର ପ୍ରଦାନ କରାଯିବ।

# ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ସମ୍ପର୍କିତ ପାଠଚକ୍ର

ସମ୍ବଲପୁର,୨୪/୧୧ (ନି.ପ୍ର): ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ପରିସୀମା ବୃଦ୍ଧି ଲକ୍ଷ୍ୟରେ କୁଚିଣ୍ଡା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ରିଟିଶ ଶିକ୍ଷା ବ୍ୟବସ୍ଥାର ସମାଲୋଚନା ଏବଂ ଏକ ନୂତନ ବିକଳ୍ପ ଶୀର୍ଷକରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ସମ୍ପର୍କିତ ଏକ ପାଠଚକ୍ରରେ ଛାତ୍ରଛାତ୍ରୀ ମାନେ ନିଜ ନିଜର ଜ୍ଞାନ ଓ ଅନୁଭବ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ମେନକା ନାୟକ ସ୍ୱାଗତ ଅଭିଭାଷଣ ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଶିକ୍ଷା ବିଭାଗ ଅଧ୍ୟାପିକା ବେଲମତୀ କୁମୁରା ପାଠଚକ୍ର ବିଷୟରେ ତତ୍ତ୍ୱ ଏବଂ ସାରମର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡ. ସୁମନ୍ତ କୁମାର ପଟେଲ୍ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ରାଜନୀତି ବିଭାଗୀୟ ମୁଖ୍ୟ ଡ. ସୁଧାଂଶୁ କୁମାର ମହାପାତ୍ର ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶନ, ସତ୍ୟାଗ୍ରହ ଏବଂ ରାଷ୍ଟ୍ର ନିର୍ମାଣର ପୃଷ୍ଠଭୂମି ଉପରେ ସାରଗର୍ଭକ ସୂଚନା ଦେଇଥିଲେ । ଶେଷରେ ଇଂରାଜୀ ବିଭାଗୀୟ ମୁଖ୍ୟ ଡ. ପ୍ରକାଶଚନ୍ଦ୍ର ପଟେଲ୍ ଭାରତୀୟ ଶିକ୍ଷା ବ୍ୟବସ୍ଥା ସହିତ ପ୍ରଖ୍ୟାତ ପ୍ରୟୋଗବାଦୀ ଶିକ୍ଷା, ପରୀକ୍ଷଣ, ଶିକ୍ଷା ପ୍ରଣାଳୀ, ବିଷୟରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ର ଧରଣୀ କିଶାନ ପରିଚାଳନା କରିଥିବା ବେଳେ ତୃତୀୟ ବର୍ଷ ଛାତ୍ରୀ ମୌସୋମି ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭାରାଣୀ ପତ୍ରୀ, ରଶ୍ମିତା ସାହୁ, ଅଜୟ ନାୟକ, ସୁବାଷ କିଶାନ ପ୍ରମୁଖ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଶିକ୍ଷା ଦର୍ଶନ ଉପରେ ଏବଂ ଧରିତ୍ରୀ ରୋହିଦାଶ, ବର୍ଷାରାଣୀ କେଛୁ, ମମତା ମାହାନ୍ତ, ରେଶ୍ମା କିଶାନ, ଧାଲେନ୍ଦ୍ର ବାଗ ଓ ପ୍ରିନ୍ସ ଦେହୁରୀ ' ମହାତ୍ମାଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଉପରେ ପାଠଚକ୍ର ଉପସ୍ଥାପନା କରିଥିଲେ।

# ଏସୟୁଜେ ଆଂଚଳିକ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୨୪/୧୧ (ନି.ପ୍ର): ଆସନ୍ତା ନଭେମ୍ବର ୩୦ତାରିଖ ଦିନ ଷ୍ଟେଟ୍ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ, ବଲାଙ୍ଗୀର ଶାଖା ପକ୍ଷରୁ ଏକ ଆଂଚଳିକ ସମାବେଶ ଓ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ହେବାକୁ ଥିବା ଏହି ସମାବେଶକୁ କିପରି ସୁଚାରୁ ରୂପେ ପାଳନ କରାଯାଇପାରିବ ସେନେଇ ଆଜି ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରଘୁ ନନ୍ଦନ ସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ସଂଘର ସଭାପତି ଶରତ କୁମାର ମହାକୁଡ ୩୦ ତାରିଖର ଆଂଚଳିକ ସମାବେଶର ରୂପରେଖ, କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ବଂଟନ ଓ ଏଜେଣ୍ଡା ସମ୍ପର୍କରେ ଆବଗତ କରାଇଥିଲେ । ଏହି ସମାବେଶ ପଶ୍ଚିମ ଓଡିଶାର ପ୍ରାୟ ୧୦ ଟି ଜିଲ୍ଲାର ଏସୟୁଜେ କର୍ମକର୍ତା ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତା ମାନେ ବରେଣ୍ୟ ଅତିଥି ଭାବରେ ଯୋଗ ଦେବାକୁ ସହମତି ପ୍ରଦାନ କରିଛନ୍ତି ।

# ବଲାଙ୍ଗୀରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଜୟନ୍ତୀରେ ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ଜିଲ୍ଲାସ୍ତରୀୟ ବୈଠକ

ବଲାଙ୍ଗିର,୨୪/୧୧ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ରାଜନେତା ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ବଲାଙ୍ଗୀର ଜିଲ୍ଲା ସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାରଙ୍କ ନିକଟରେ ଜୋରଦାର ଦାବି ଉଠିଛି ଏବଂ ଏକ ମଦ ବିରୋଧୀ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ମୋନାର ଜିଲ୍ଲା ସଂଯୋଜକ ନୀଳମଣି ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ। ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ବିଭୁଦତ ମିଶ୍ର, ସତ୍ୟ ବନ୍‌ଛୋର, ସଂସ୍କୃତି ଗବେଷକ ତରଣୀସେନ ଦୀପ, ସୁବାସିନୀ ସାହୁ, ରାଜେଶ ବଗର୍ତୀ, ଡ. ଅର୍ଜୁନ ମୁଗ୍ରୀ, ଡ. ବିପିନ କୁଶୁଲିଆ, କୁନାଲ ଗହିର, ମଞ୍ଜରୀ ପଟେଲ, ସୁଶୀଲ ଭୋଇ, ସିଦ୍ଧେଶ୍ୱର ପାଣିଗ୍ରାହୀ, ରାଜେନ୍ଦ୍ର ସୁନା, ମଙ୍ଗଲୁ ତାଣ୍ଡି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ନିଶା ନିବାରଣ ପାଇଁ ସରକାରଙ୍କ ଉଦାସୀନତା ଉପରେ କଡ଼ା ସମାଲୋଚନା କରିଥିଲେ। ବକ୍ତାମାନେ କହିଥିଲେ ଯେ, "ନିଶା ଆଜି ଓଡ଼ିଶାର ଯୁବପୀଢ଼ିକୁ ଗ୍ରାସ କରୁଛି। ସରକାର ମଦ ବିକ୍ରିରୁ ରାଜସ୍ୱ ଆଦାୟ କରୁଛନ୍ତି କିନ୍ତୁ ସମାଜର ଭବିଷ୍ୟତ ପିଢ଼ିକୁ ଅନ୍ଧକାର ଆଡ଼କୁ ଠେଲୁଛନ୍ତି। ଏହା ସରକାରଙ୍କ ନୈତିକ ଦାୟିତ୍ୱ ଯେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରି କଡ଼ା ନିଷ୍ପତି ନେବେ। ଯଦି ଏହା ନ କଲେ ଆଗାମୀ ଦିନରେ ସମାଜ ଏହାର ମୂଲ୍ୟ ଦେବାକୁ ପଡ଼ିବ।" ବୈଠକରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ମଦ ବିରୋଧୀ ଦରଖାସ୍ତ ସର୍ବସମ୍ମତିକ୍ରମେ ପାରିତ ହୋଇଛି। ଏହି ଦରଖାସ୍ତରେ ଓଡ଼ିଶାକୁ ଶୀଘ୍ର ନିଶାମୁକ୍ତ ରାଜ୍ୟ ଘୋଷଣା କରିବା, ମଦ ଦୋକାନ ବନ୍ଦ କରିବା ଏବଂ ନିଶା ନିବାରଣ ପାଇଁ କଡ଼ା ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଅହଲ୍ୟା ରଣା, କାଳିନ୍ଦୀ ମାଝୀ, ଲୋକନାଥ ସୁନା, ବେଲମତୀ ସୁନା, ସନ୍ତୋଷିନୀ ନାୟକ, ଚମ୍ପା ମହାଲିଙ୍ଗ, ପୁଷ୍ପାଞ୍ଜଳି ଭୋଇ, ସରସ୍ୱତୀ ସାହୁ, ଗରିବ ସାହୁ, ସୁକାନ୍ତି ଧରୁଆ, ନରେଶ ବାଗ, ସୁଜିତ କରନ, ଉପାସି ନନ୍ଦ, ଟଙ୍କଧର ଗଡତ୍ୟା, ମଗନ ରାୟ, ଅରୁଣ ରାୟ ସହିତ ବିଭିନ୍ନ ମହିଳା ସଂଗଠନ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଏହି ଅଭିଯାନକୁ ସମର୍ଥନ ଜନାଇଥିଲେ। ଅନ୍ତିମରେ ସରୋଜ କୁମାର ମେଶ୍ର ଧନ୍ୟବାଦ ଅର୍ପଣ କରି ସଭାର ସମାପନ ଘୋଷଣା କରିଥିଲେ।

# ବିଘଟନ ହେଲା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଡିସେମ୍ବର ୧୪ରେ ହେବ ନିର୍ବାଚନ

ଜୟପୁର,୨୪/୧୧ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଦ୍ୱାରା ଜୟପୁର ଯାଦବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚିତ କମିଟି ତା ୦୫.୦୨.୨୦୨୩ ରିଖରେ ହୋଇଥିବା ସ୍ଥଳେ ତା ୦୫.୦୨.୨୦୨୬ ରେ କାର୍ଯ୍ୟକାଳ ସରୁଥିବାରୁ ଏକ ମାସ ପୂର୍ବରୁ ଓଡ଼ିଶା ଅମଲା ସଂଘର ନିର୍ବାଚନ କରିବା ନିମନ୍ତେ ପୂର୍ବ ବୈଠକରେ ସ୍ଥିର କରାଯାଇ ରାଜ୍ୟ ସଂଘକୁ ଅବଗତ କରାଯାଇଥିଲା । ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିଲା । ଏନେଇ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବିଘଟନ କରାଯାଇଥିବା ଶ୍ରୀ ଦାଶ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି, ତା ୩୦.୧୧.୨୦୨୫ ରିଖ ଦିନ ଜୟପୁର ଯାଦବ ଭବନ ଠାରେ ଓଡ଼ିଶା ଅମଲା ସଂଘର ସଦସ୍ୟ ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରାଥିପତ୍ର ଦାଖଲ କରିବା ନିମନ୍ତେ ସ୍ଥିର କରାଗଲା । ଉକ୍ତ ଦିନ ପ୍ରାର୍ଥିପତ୍ର ଯାଂଚ୍ କରି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ତା ୧୪.୧୨.୨୦୨୫ ରିଖ ଦିନ ଜୟପୁର ଯାଦବ ଭବନ ଠାରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ହେବା ନିମନ୍ତେ ସ୍ଥିର କରାଗଲା ।

ନିର୍ବାଚନ ଅଧ୍ୟକ୍ଷ ଭାବେ ନରେନ୍ଦ୍ର ନାଥ ତ୍ରିପାଠୀ, ସୁନାକର ରାଉତ, କାହ୍ନୁଚରଣ ନାୟକ, ଲକ୍ଷ୍ମୀକାନ୍ତ ଦାଶ, ସୁଦର୍ଶନ ସାହୁ ନିର୍ବାଚନ ଅଧିକାରୀ ରୂପେ ଚୟନ କରାଗଲା କ୍ଷଉକ୍ତ ସମ୍ମିଳନୀ ପୂର୍ବତନ ରାଜ୍ୟ ଅଧକ୍ଷ ସୁନାକର ରାଉତ, ବରିଷ୍ଠ ସଦସ୍ୟ କାହ୍ନୁ ଚରଣ ନାୟକ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସାଙ୍ଗଠନିକ ସମ୍ପାଦକ କୈଳାଶ ସାମନ୍ତରାୟ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସହ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପଢ଼ି, ଜଗେନ୍ଦ୍ର ଚୌଧୁରି, ଜଗନ୍ନାଥ ଦାଶ, କାଳିପ୍ରସାଦ ମିଶ୍ର, ବିନାୟକ ପଣ୍ଡା, ତ୍ରିନାଥ ପଣ୍ଡା, ବାଳ ଗୋପାଳ ମିଶ୍ର, ସାନ୍ତୁନୁ ଜେନା ବରିଷ୍ଠ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ କ୍ଷପରିଶେଷରେ ଶ୍ରୀ ଦାଶ ସମସ୍ତ ମିଡିଆ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସମ୍ମିଳନୀ ସାଙ୍ଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ

ଭୁବନେଶ୍ୱର,୨୪/୧୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ଜିଲ୍ଲା ଭୁବନେଶ୍ୱରସ୍ଥିତ ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି । ସଂପ୍ରତି ଶିଶୁ ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ଏହା ଅନୁଷ୍ଠିତ ହୋଇଛି । ସେହିପରି ଏହି ପ୍ରତିଯୋଗିତା ଜିଲ୍ଲାର ଅନ୍ୟ ବିଚାର ବିଭାଗୀୟ ଅଦାଲତ ପରିସର ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ବେଗୁନିଆଠାରେ ମଧ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜନ କରାଯାଇଛି ।

ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଭୁବନେଶ୍ୱର ଶ୍ରୀ ବିରଂଚି ନାରାୟଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ । ଅନ୍ୟତମ ବିଚାରପତି ଅତିରିକ୍ତ ଜିଲ୍ଲାଜଜ୍ ଶ୍ରୀ ହିମାଂଶୁ ଶେଖର ମଲ୍ଲିକ, ସବ୍‌ଜଜ୍ ବେଦପ୍ରକାଶ, ରେଜିଷ୍ଟ୍ରାର ସବ୍ୟସାଚୀ ପ୍ରଧାନ, ବରିଷ୍ଠ ସବ୍‌ଜଜ୍ ଅରୂପ କୁମାର ନାୟକ, ସଚିବ ସଲୋମି ସାହୁ, ସୋମେଶ୍ ସୌମ୍ୟଜିତ ପଣ୍ଡା, ସ୍ୱଦେଶ ତ୍ରିପାଠୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, କୋର୍ଟ ମ୍ୟାନେଜର ଶଶୀକାନ୍ତ ପ୍ରଧାନ, ପ୍ରତିପକ୍ଷ ଓକିଲ ନବୀନ ମହାପାତ୍ର, ଦୀପ୍ତିମୟୀ ପଣ୍ଡା, ଓଁକାର ମିଶ୍ର, ଶସବିନ୍ଦୁ ବେହେରା, ଦେବାଶିଷ ଦାସ, ବିଶ୍ୱଜିତା ଦାସ, ମମତା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ । ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ୍ ଏବଂ ପୁରସ୍କାର ବିତରଣ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଅନୁଷ୍ଠାନର ସଚିବ ସଲୋମୀ ସାହୁ ସମସ୍ତ ପଦାଧିକାରୀ, ଅଭିଭାବକବୃନ୍ଦ ଏବଂ ସର୍ବୋପରି କୋର୍ଟ କର୍ମଚାରୀ, ଆଇନସେବା ପ୍ରାଧିକରଣଙ୍କ କର୍ମକର୍ତ୍ତା ଏବଂ ଉପସ୍ଥିତ ସାଧାରଣ ଜନତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲା ଓ ତାଲୁକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ନୂଆପଡ଼ା,୨୪/୧୧ (ନି.ପ୍ର): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆଜି ନୂଆପଡ଼ା ଜିଲ୍ଲା ନ୍ୟାୟାଳୟ ପରିସର ତଥା ଖରିଆର, ସିନାପାଲି ଓ ବୋଡ଼େନ ନ୍ୟାୟାଳୟ ପରିସର ଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ନୂଆପଡ଼ା ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୫୦ ଜଣ, ଖରିଆରରେ ୧୫ ଜଣ, ସିନାପାଲିରେ ୧୪ ଜଣ ଓ ବୋଡ଼େନରେ ୨୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ନୂଆପଡ଼ାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଖରିଆରରେ ବରିଷ୍ଠ ଦେୱାନୀ ବିଚାରପତି ଇଶା ପତି, ସିନାପାଲିରେ ଜେ.ଏମ୍.ଏଫ୍.ସି ପ୍ରଜ୍ଞା ପରମିତା ମାହାନ୍ତି ଏବଂ ବୋଡେନରେ ଜେ.ଏମ୍.ଏଫ୍.ସି ପଲ୍ଲବି ଦାସ ପ୍ରମୁଖ ପ୍ରତିଯୋଗିତାର ପରିଚାଳନା କରିଥିଲେ । ସର୍ବଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ରୂପେ ପୁସ୍ତକ ପ୍ରଦାନ କରାଯାଇଥିଲା ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୪/୧୧ (ନି.ପ୍ର): ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରର ବ୍ୟକ୍ତିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ । ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା । ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା ।

ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ ଓ ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ବିଧାନସଭା ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୂଚନା ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

# କପିଳେଶ୍ୱର କପିଳନାଥଙ୍କ ସ୍ୱତନ୍ତ୍ର ନୂତନ ରାସ୍ତା ନିର୍ମାଣ ପାଇଁ ଦାବି

ଖୋର୍ଦ୍ଧା,୨୪/୧୧ (ନି.ପ୍ର): କପିଳେଶ୍ୱର କପିଳନାଥଙ୍କ ସ୍ୱତନ୍ତ୍ର ନୂତନ ରାସ୍ତା ନିର୍ମାଣ ଦାବିରେ ସେବା ସଙ୍ଗଠନ ପକ୍ଷରୁ ରବିବାର ବାବା ରଘୁକାଳସି ସେବାଶ୍ରମ ସମ୍ମୁଖରେ ଧାରଣା ଦିଆଯାଇଥିଲା ।ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାମ୍ର ପ୍ରକଳ୍ପ ବ୍ୟବସ୍ଥା କରିଥିବା ବେଳେ ଆଭାଷି ଜରିଆରେ ତା ୨୭.୧୨.୨୦୨୧ ରିଖ କପିଳେଶ୍ୱରସ୍ଥ କପିଳନାଥଙ୍କ ସ୍ୱତନ୍ତ୍ର ରାସ୍ତା ୬୦ ଫୁଟର ଭିତ୍ତି ପ୍ରସ୍ତର କରିଥିଲେ। ପୂର୍ତ୍ତ ବିଭାଗ - ୨ ଏହି କାର୍ଯ୍ୟ ହାତକୁ ନେଇଥିଲେ। ଏଥିରେ ୫୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ପୁରୁଣା ଜାତୀୟ ରାଜପଥ ୩୧୬ ଗଙ୍ଗୁଆ ସେତୁ ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେବ। ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ୮ ଏକର ୫୦ ଡେସିମିଲି ଜମି ଅଧିଗ୍ରହଣ କରାଯିବ। ଏକ ଏକର ୪୧ ଡେସିମିଲି ଜମିରେ ୨୪ ଜଣ ଜମି ମାଲିକ ସୁନ୍ଦରପଦାର ଅଛନ୍ତି। କପିଳେଶ୍ୱର ମୌଜାର ଏକ ଏକର ୬୦ ଡେସିମିଲି। ଏଥିରେ ୧୭ ଜଣ ଜମି ମାଲିକ ଅଧିଗ୍ରହଣ ଅଛନ୍ତି। ନୂଆଗାଁରେ ୫ ଏକର ୪୯ ଡେସିମିଲି ଜମି ଅଧିଗ୍ରହଣ ହୋଇଛି। ଏଥିରେ ୨୩ ଜଣ ଜମି ମାଲିକ ଅଛନ୍ତି।ଏସବୁ କାର୍ଯ୍ୟ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି। ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ମାନ୍ୟବର ପୂର୍ବତନ ମନ୍ତ୍ରୀ, ବିଧାୟକ, ସୁରେଶ କୁମାର ରାଉତରାୟ ଏଥି ନିମନ୍ତେ ସାମନ୍ତରାପୁର ନିକଟରେ ଧାରଣା ଦେଇଥିଲେ ମଧ୍ୟ, ଧାରଣା ଧାରଣାରେ ରହିଯାଇଛି ।ଜନ ଆନ୍ଦୋଳନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ କପିଳେଶ୍ୱରର କପିଳନାଥ ମନ୍ଦିର ନିକଟରେ କପିଳନାଥଙ୍କ ସ୍ୱତନ୍ତ୍ର ନୂତନ ରାସ୍ତାର ରାସ୍ତା କେବେ ଏହାକୁ ନେଇ ଧାରଣା ଦିଆଯାଇଥିଲା। ପ୍ରକାଶ ଥାଉ କି, ଖୋର୍ଦ୍ଧା ଜିଲ୍ଲାପାଳ କପିଳନାଥଙ୍କ ଟ୍ରଷ୍ଟ ମିଟିଂ ବର୍ଷେ ହେବ କରିନାହାନ୍ତି। ଏହାର ନୀତିକାନ୍ତି ପାଇଁ ଦୃଷ୍ଟି ଦେଇନାହାନ୍ତି। କପିଳନାଥ ଓ ଲିଙ୍ଗରାଜଙ୍କ ନୀତିକାନ୍ତି ଠିକ୍ କରିବା ପାଇଁ ଶ୍ରୀ ମିଶ୍ର ଅତିରିକ୍ତ ଜିଲ୍ଲାପାଳ ଓ ଏଣ୍ଡାମେଂଟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ହାଣ୍ଡି ଭଙ୍ଗା ଯାତ ଓ ଲିଙ୍ଗରାଜଙ୍କ ୧୦ ନୀତି ବନ୍ଦକୁ କାର୍ଯ୍ୟକାରୀ କରିବା ପାଇଁ ନିବେଦନ କରିଛନ୍ତି। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ମହାରଣା, ପତନ କୁମାର ସ୍ୱାଇଁ, ସୀତା ରାଉତ, ସ୍ନେହଲତା ମହାପାତ୍ର, ବର୍ଣ୍ଣମାଳା ପାତ୍ର, ବୈଜୟନ୍ତୀ ପାତ୍ର, ରୀନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁକତେଲ ନଦୀରୁ ନରକଙ୍କାଳ ଉଦ୍ଧାର ଘଟଣା: ଡିଏନଏ ପରୀକ୍ଷା ପାଇଁ ପଠାଯିବ

ବଲାଙ୍ଗିର,୨୪/୧୧ (ନି.ପ୍ର): ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁମିଆପାଲି ଗ୍ରାମ ନିକଟ ସୁକତେଲ ନଦୀରୁ ଗତକାଲି ଏକ ନରକଙ୍କାଳ ଉଦ୍ଧାର ହୋଇଛି। ତେବେ ଏହି ନରକଙ୍କାଳଟି କାହାର ତାହା ଅଦ୍ୟାବଧି ଜଣାପଡିନାହିଁ । ଶନିବାର ସ୍ଥାନୀୟ ଲୋକେ ନଦୀରେ ଏହି କଙ୍କାଳ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସଦର ଥାନା ପୋଲିସ ସାଇଂଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଂଚି ଏହି ନର କଙ୍କାଳକୁ ଉଦ୍ଧାର କରିଛି । ଏହାର ଡିଏନଏ ପରୀକ୍ଷା ପାଇଁ ପଠାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଦୁଇ ମାସ ତଳେ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁର ଜଣେ ଯୁବକ ସୁକତେଲ ନଦୀରେ ବୁଡି ନିଖୋଜ ଥିଲେ । ଏପର୍ଯ୍ୟନ୍ତ ତାଙ୍କର କୌଣସି ଖୋଜଖବର ମିଳିନାହିଁ। ଏପରି ସ୍ଥିତିରେ ନଦୀରୁ ନରକଙ୍କାଳ ଉଦ୍ଧାର ହେବା ପରେ ତାହା ସମ୍ପୃକ୍ତ ଯୁବକଙ୍କ କଙ୍କାଳ ବୋଲି ସନ୍ଦେହ କରାଯାଉଛି। ତେବେ ଡିଏନଏ ପରୀକ୍ଷା ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କନ୍ଧମାଳ ,୨୪/୧୧ (ନି.ପ୍ର): ସମ୍ବିଧାନ ଦିବସ ନଭେମ୍ବର ୨୬ ଉପଲକ୍ଷେ ଡଃ ଭୀମରାଓ ଆମ୍ବେଦକର ସ୍ମୃତି କମିଟି, ଫୁଲବାଣୀ ଆନୁକୂଲ୍ୟରେ ତିନି ଦିନିଆ ଫୁଟବଲ୍ ଟୁର୍ଣ୍ଣାମେଂଟ -୨୦୨୫ କନ୍ଧମାଳ ଷ୍ଟାଡିଅମ ଫୁଲବାଣୀ ଠାରେ ଉଦଘାଟିତ ହୋଇଯାଇଛି କ୍ଷ ପ୍ରଥମ ଦିବସର ଉଦ୍ଘାଟନୀ ଉତ୍ସବର ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କ୍ରୀଡା ସମ୍ପାଦକ ଶିବ ତ୍ରିପାଠୀ,ସମ୍ମାନିତ ଅତିଥି ଭାବେ କୁଇ ସମାଜ ଉପଦେଷ୍ଟା ଗୌତମ ପ୍ରଧାନ, ପାଣ ସମାଜ କନ୍ଧମାଳ ସଭାପତି ପଙ୍କଜ ବେହେରା , ଆଇନଜିବି ସତ୍ୟନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ କ୍ଷ ପ୍ରଥମ ଦିବସର ଦ୍ୱିତୀୟ ମ୍ୟାଚର ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରଶାସନିକ ଅଧିକାରୀ କନ୍ଧମାଳ ଦୁଡ଼ା ପିଡି ପ୍ରବୀଣ କୁମାର ବାଣୁଆ, ଯୋଗ ଦେଇଥିବା ବେଳେ ସଂମ୍ମାନିତ ଅତିଥି ଭାବେ ଆଇନଜୀବି ଆଦିତ୍ୟ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ କ୍ଷ ସେହିପରି ଅନ୍ୟତମ ଅତିଥି ଭାବେ ସୁଶୀଲ ନାୟକ, ପ୍ରସନ୍ନ ବିଶୋଇ, ସଭାପତି ଜୁମା ମସଜିଦ ଫୁଲବାଣୀ ଅବଦୁଲ ରଜାକ ଖାଁ, ପୂର୍ବତନ ଫୁଟବଲ ଖେଳାଳି ସରୋଜ ମୁନି ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ମ୍ୟାଚ୍ ଖଜୁରୀପଡ଼ା ବ୍ଲକ ସହିତ ଫୁଲବାଣୀ, ଫୁଲବାଣୀ ଗୋଟିଏ ଗୋଲରେ ବିଜୋୟୀ, ଦ୍ୱିତୀୟ ମ୍ୟାଚ୍ ଗୋଛାପଡ଼ା ସହିତ ଚକାପାଦ, ଗୋଛାପଡ଼ା ଦୁଇଟି ଗୋଲରେ ବିଜୋୟୀ ହୋଇଥିଲା । ଏଥିରେ ଆମ୍ବେଦକର ସ୍ମୃତି କମିଟିର ସଭାପତି ସମୀର ଘଟୋାଲ୍, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ଦିଗାଲ, ଉପସଭାପତି ଦିବାକର ଦିଗାଲ ସଧାରଣ ସମ୍ପାଦକ ସୋମନାଥ ବାଗ, ସମ୍ପାଦକ ଉଦ୍ଧବ ଦିଗାଲ,ସଂଗଠକ ଭାଗିରଥି ସେଠୀ, ସଂଯାଯୋକ ବିରେନ୍ଦ୍ର କହଁର, କୋଷାଧ୍ୟକ୍ଷ ବିନୋଦ କହଁର କ୍ରୀଡ଼ା ସମ୍ପାଦକ ତଥା ଆୟୋଜକ ବିରାଜ ବେହେରା ଉପସ୍ଥିତ ରହି ଟୁର୍ନାମେଂଟ ପରିଚାଳନା କରିଥିଲେ ।

# ୭୭ତମ ଏନସିସି ଦିବସ ପାଳିତ

ଚମ୍ପୁଆ,୨୪/୧୧ (ନି.ପ୍ର): ସ୍ଥାନୀୟ ସରକାରୀ ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟରେ ୭୭ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଏନସିସି ଅଫିସର ଗିରିଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲାବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ। ଏନ ସି ସି କ୍ୟାଡେଟ୍ ମାନଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ପ୍ୟାରେଡ କରାଯାଇ ଅଭିବାଦନ ଦେଇଥିଲେ। ଏପରିକି ଏନସିସି କ୍ୟାଡେଟ ମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଦିବସରେ ବିଦ୍ୟାଳୟର ଶିକ୍ଷକ ଧନେଶ୍ୱର ପାତ୍ର, ଶଙ୍କର୍ଷଣ ନାଏକ, ତ୍ରିନାଥ ନାୟକ, ବିଶ୍ୱଜିତ୍ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ



ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ ବିଷୟରେ...



୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ। ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

# ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନକ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।



# ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...

ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ ଖୁବ୍ ଗୁରୁତ୍ୱ ରଖିଥାଏ। ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ

**ଲେମ୍ବୁ ଓ ନଡ଼ିଆ**

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।



**ଅଲିଭ ଅଏଲ ଓ ଜୈତୁନ ତେଲ**

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।





# ସକାଳ ଜଳଖିଆରେ କଣ ଖାଇବା ଭଲ ?

ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ । ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ । ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ । ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ । ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ ।




ଶୀତଦିନରେ ଚର୍ମ ଶୁଖିଲା ହୋଇଯାଏ। ଏହି ସମୟରେ ତ୍ୱଚାଠାରୁ ଆରମ୍ଭ କରି କେଶ, ନଖ ପ୍ରଭୃତିର ଯତ୍ନ ନେବା ନିହାତି ଦରକାର। ଶୀତଦିନରେ ପାଦ ଫାଟିବା ,ଓଠ ଫାଟିବା ଓ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଫାଟିବା ଭଳି ଅନେକ ସମସ୍ୟା ଦେଖାଦିଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ଆମକୁ କିଛି ସରଳ ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ରୋଷେଇ ଘରର କିଛି ଓ ବାଡ଼ିବଗିଚାରୁ କିଛି ସରଞ୍ଜାମକୁ ବ୍ୟବହାର କରି ଆମେ ଶରୀର ତ୍ୱଚାକୁ କୋମଳ ରଖିପାରିବା।

ଟିପ୍ସ୍: ଯଦି ଆପଣ ସାବୁନ ବ୍ୟବହାର କରୁଛନ୍ତି ତେବେ ଏହା ଶୀତ ଦିନେ ବନ୍ଦ କରିଦିଅନ୍ତୁ। କାରଣ ସାବୁନରେ ରହୁଥିବା କାଷ୍ଟିକ ସୋଡ଼ା ତ୍ୱଚାକୁ କଳା ପକାଇବା ସହ ଏହାକୁ ଶୁଖିଲା କରେଇ ଦେଇଥାଏ। ଏହା ବଦଳରେ ଆପଣ ଘରେ ଥିବା ଦେଶୀ ଗାଈର କ୍ଷୀର ୫୦ ଗ୍ରାମକୁ ଶରୀରରେ ମାଲିସ୍ କରନ୍ତୁ ଓ ଅଧଘଣ୍ଟା ଛାଡ଼ିଦିଅନ୍ତୁ। ଏହାପରେ ଗାଧାନ୍ତୁ। ଦେଖିବେ ଆପଣଙ୍କ ଶରୀର ସପୂର୍ଣ୍ଣ ସଫା ହେଇଯିବ।

ଥଣ୍ଡା ଦିନେ ବାଦାମ ତେଲ ତ୍ୱଚା ପାଇଁ ଖୁବ୍ ଲାଭଦାୟକ ଅଟେ। କୋମଳ ତ୍ୱଚା ପାଇଁ ରାତିରେ ଶୋଇବା ପୂର୍ବରୁ ବାଦାମତେଲ ମାଲିସ୍ କରି ଶୁଅନ୍ତୁ।

ଗାଧୋଇବା ପରେ ନଡ଼ିଆ ତେଲ କିମ୍ବା ବଡିଲୋସନ୍କୁ ତ୍ୱଚାରେ ଭଲ ଭାବେ ମାଲିସ କରନ୍ତୁ। ଏହା ଦ୍ୱାରା ତ୍ୱଚାରେ ଶୁଷ୍କତା ଦେଖାଯାଏ ନାହିଁ।

ଚେହେରା ଧୋଇବା ସମୟରେ ଅଧିକ ଥଣ୍ଡା କିମ୍ବା ଗରମ ପାଣି ବ୍ୟବହାର କରନ୍ତୁ ନାହିଁ।

ଓଠ ଫଟା ଓ ଶୁଖିଲା ତ୍ୱଚା ପାଇଁ ସବୁଦିନ ଶୋଇବା ପୂର୍ବରୁ ମଲେଇ, ଗୋଲାପ ଜଳ ଓ ଲେମ୍ବୁ ରସକୁ ଭଲ ଭାବେ ମିଶାଇ ମାଲିସ୍ କରନ୍ତୁ।

ଗ୍ଲିସେରିନ୍, ଗୋଲାପ ଜଳ ଓ ଲେମ୍ବୁ ରସର ମିଶ୍ରଣ ଚେହେରାରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ଏବଂ ଗୋରା ଦେଖାଯାଏ।

ଶୀତଦିନେ ସକାଳ ସମୟରେ ଖରାରେ ନିଶ୍ଚୟ ବସନ୍ତୁ। ତେବେ ଏହାପୂର୍ବରୁ ସନସ୍କ୍ରିନ ନିଶ୍ଚୟ ଲଗାନ୍ତୁ।

ଦହିକୁ ପ୍ରାକୃତିକ ମଇଷ୍ଟରାଇଜର କୁହାଯାଏ। ତେଣୁ ସପ୍ତାହକୁ ୨ ରୁ ୩ ଥର ଦହିକୁ ମୁହଁରେ ଲଗାଇ ମାଲିସ କରନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

# ବାସ୍ତୁ ଦୋଷ ଦୂର୍ କରେ ସିନ୍ଦୂର୍

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।



♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ସାରୁପତ୍ରରେ ତିଆରି କରନ୍ତୁ ସ୍ୱାଦିଷ୍ଟ ବ୍ୟଞ୍ଜନ: ପ୍ରସ୍ତୁତି ପ୍ରଣାଳୀ ଖୁବ ସହଜ

କୋବିପତ୍ର, ମୂଳାପତ୍ର, ସଜନାପତ୍ର, ପାଳଙ୍ଗଶାଗ, କୋଶିଳା ଶାଗର ପତ୍ରର ପକୁଡ଼ି ବା ତରକାରୀ ନିଶ୍ଚିତ ଭାବେ ଖାଇଥିବେ। କେବେ ସାରୁପତ୍ରରେ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି କି। ଖୁବ କମ ଲୋକେ ଜାଣିଥିବେ ସାରୁପତ୍ରରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।

ଆବଶ୍ୟକ ସାମଗ୍ରୀ: ୫ଟି ସାରୁପତ୍ର,୧୫୦ ଗ୍ରାମ ବେସନ,୧୦୦ଗ୍ରାମ ତେନ୍ତୁଳି ମଣ୍ଡ ,୨୦ ଗ୍ରାମ ଲଙ୍କା ଗୁଣ୍ଡ,୫ ଗ୍ରାମ ହଳଦୀ ପାଉଡର, ୨ ଗ୍ରାମ ହିଂ, ୨ଗ୍ରାମ ଭଜା ଜିରା, ୨୦ ଗ୍ରାମ ଚିନି, ୨୦ ମିଲି ତେଲ, ସ୍ୱାଦ ଅନୁସାରେ ଲୁଣ।



ମୁଖ୍ୟ ପ୍ରସ୍ତୁତି ପ୍ରଣାଳୀ: ସାରୁ ପତ୍ରକୁ ଭଲଭାବେ ସଫା କରନ୍ତୁ। ଉପରୋକ୍ତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଏକ ଘନ ବ୍ୟାଟର ପ୍ରସ୍ତୁତ କରନ୍ତୁ। ପ୍ରଥମେ ଗୋଟିଏ ପତ୍ରକୁ ବିଛାଇ ପ୍ରସ୍ତୁତ କରି ରଖିଥିବା ବ୍ୟାଟରର ଏକ ପତଳା ସ୍ତର ଲଗାନ୍ତୁ। ଉପରେ ଆଉ ଏକ ପତ୍ର ରଖନ୍ତୁ। ସେହିପରି ସମ୍ପୂର୍ଣ୍ଣ ବ୍ୟାଟରକୁ ବାକି ପତ୍ର ଉପରେ ଲଗାନ୍ତୁ। ୫ଟି ପତ୍ରକୁ ପରସ୍ତ ପରସ୍ତ କରି ବ୍ୟାଟର ସହିତ ରଖନ୍ତୁ। ଏହାପରେ ଏହାକୁ ରୋଲଭଳି ଗୁଡ଼ାଇ ଏକ ସୂତା ସାହାଯ୍ୟରେ ବାନ୍ଧି ଇଡ଼ିଲି ଛାଞ୍ଚରେ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ସିଝିବା ପାଇଁ ପାଖାପାଖି ୨୦ମିନିଟର ସମୟ ଲାଗିବ। ସିଝିଗଲା ପରେ ଉକ୍ତ ରୋଲକୁ ଗୋଲ ଗୋଲ କରି କାଟି ଦିଅନ୍ତୁ। ଏହାପରେ ଏକ ପ୍ୟାନରେ ତେଲ ଗରମ କରି ଗୋଟେ ପରେ ଗୋଟେ ସାରୁପତ୍ରକୁ ଛାଣନ୍ତୁ। ଏହାକୁ ଧନିଆ, ପୋଦିନା କିମ୍ବା ଟମାଟୋ ଚଟ୍ଣୀ ସହିତ ପରଷନ୍ତୁ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୫ ନଭେମ୍ବର ୨୦୨୫, ମଙ୍ଗଳବାର

# କବିତାମାଳା

## କିଛି କଥା ଏମିତି
### ନୀଳାମ୍ବର ପଣ୍ଡା



ସତେ କି ବିଚିତ୍ର ଆମ ଏ ସଂସାରେ
ଅଯୌକ୍ତିକ କିଛି ପ୍ରଥା
ଅନ୍ଧ ବିଚାରର ମସୁଧା ମଞ୍ଚରେ
ସ୍ୱିରିକୃତ ଯେ ବ୍ୟବସ୍ଥା ।

ଏମଣିଷ ପାଇଁ ପାପ ଅନ୍ୟାୟର
କିଞ୍ଚିତ ଶୋଚନା ନାହିଁ
ଗଙ୍ଗାଜଳେ ଯେବେ ସ୍ନାନ କରିଥାଏ
ସବୁ ପାପ ଯାଏ ଧୋଇ ।

ସ୍ୱାର୍ଥନ୍ୱେଷୀ ଜନ ନିଜର ଲାଭାର୍ଥେ
ଆପଣାଏ ଅପକର୍ମ
ଅନ୍ୟ ପ୍ରାଣୀ ଦୁଃଖ ବୁଝି ନପାରଇ
ପାସୋରି ମାନବ ଧର୍ମ ।

ମଣିଷ ମୃତ୍ୟୁରେ ତା ଦେହ ଅଛୁଆଁ
ଘରୁ ସେ ହୁଏ ବାହାର
ମଲା ପଶୁପକ୍ଷୀ ଘରେ ରାନ୍ଧିବାଢି
ସଯନତ୍ନ କରେ ଆହାର ।

କାଠ ପଥରକୁ ପୂଜାର୍ଚ୍ଚନା କରି
ବାଢେ ଅର୍ଘ୍ୟ ନୈବେଦ୍ୟର
ଅଭାବୀ ଗରିବୀ ଭୋକିଲା ପେଟକୁ
କରିଥାଏ ଅନାଦାର ।

ପିତାମାତାଙ୍କର ଜୀବିତ କାଳରେ
ସେବା ଯନତ୍ନ ନାହିଁ ଧ୍ୟାନ
ତାଙ୍କ ମୃତ୍ୟୁପରେ ଲୋକଦେଖାଣିଆ
ନାନା କର୍ମେ ଆୟୋଜନ ।

ସତ୍ୟକୁ ନଚିନ୍ତି ଅସତ୍ୟରେ ମାତି
ଭୁଲନ୍ତି ନ୍ୟାୟ ଅନ୍ୟାୟ
ସାଧୁ ସ୍ୱଭାବର ଭାବ ପ୍ରକଟନ୍ତି
ଅପର'ର କରି କ୍ଷୟ ।

♥୭-କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୦

## ଏକା ସାଥୀ ଭଗବାନ
### ଅର୍ଜୁନ ଘଡ଼େଇ



ଜୀବନ ରାସ୍ତାରେ ଚାଲୁ ଥିବାବେଳେ
ଅନେକ ହୁଅନ୍ତି ସାଥି
କିଏ ହାତ ଧରି ଆଗକୁ ଚଲା ଏ
ଜୀବନେ ମିଳଇ ଶାନ୍ତି ।

କିଏସେ ଦେଖା ଏ ଭୀତି ।
ହାତଧରି ଯିଏ ଆଗକୁ ଚଲା ଏ
ସିଏ ସିନା ଭଲ ସାଥୀ,
ଏମିତିକା ସାଥୀ ଭାଗ୍ୟେ ଥିଲେ ମିଳେ
ଡରାଇ ମରାଇ ପଛକୁ ଭିଡ଼ଇ
ଆଗକୁ ଛାଡେନି ବାଟ
ଜାଣିବ ନିଷ୍ଚୟ ନିଜ ସ୍ୱାର୍ଥ ପାଇଁ
କରୁଛି ଏମିତି ନାଟ ।
ପତିଟିଏ ପାଇଁ ପତ୍ନୀ ହେଉ ଅବା
ଭାଇ ପାଇଁ ଭାଇ ଟିଏ
ବନ୍ଧୁଟିଏ ପାଇଁ ଭଲ ବନ୍ଧୁ ଟିଏ
ଏମିତିକା ସାଥୀ ହୁଏ,
ଜୀବନ ରାସ୍ତାରେ କେତେ ସାଙ୍ଗ ସାଥୀ
ମନେ ରଖି ଲୁଚା କଥା
ଅସମୟ ଦେଖି ଅବିବେ କୀ ଭାବେ
ଦେବେ ସେ ନିଷ୍ଚିତ ଧୋକା
ଆଉ କିଏ ସାଥୀ ହେଉ ବା ନହେଉ
ଏକା ସାଥୀ ଭଗବାନ
ଯଦି କର୍ମ ବଳେ ମିଳନ୍ତି ଜୀବନେ
ଜୀବନ ହୁଅଇ ଧନ୍ୟ ।

♥ଦାଣ୍ଡ ମୁକୁନ୍ଦ ପୁର, ପିପିଲି, ପୁରୀ
ମୋ: ୯୪୩୮୦୪୮୬୧୫

## ତୁମ ପାଇଁ
### ବୃନ୍ଦାବନ ପ୍ରଧାନ



ଅନେକ ଥର ସ୍ୱପ୍ନର ସାଗରେ
ଅନାୟାସରେ ଘୁରିବୁଲୁଥାଏ
ଭାବୁଥାଏ ବସି ଏକା କାହାପାଇଁ ?
କେବଳ ତ ପ୍ରିୟା ମୁଁ ଏକା ତୁମପାଇଁ।
ତୁମ ପାଖେ ସତେ କି ଅଛି ଯାଦୁ
ତାହାବି କେବେ ଜାଣେନା
ଆଖି ବୁଜିଲେ ଆଖି ଖୋଲିଲେ
ତମ ପ୍ରତିଛବି ଦେଖେ ମନ ଆଇନା।
ଏ ଦୁନିଆଁ ତ ଶୋଇପଡ଼େ
ଅମା ଅନ୍ଧକାରେ ଘୋର ନିଦ୍ରାରେ
ପାରେନା ପାରେନା ସଖି ମୁଁ ଶୋଇ
ଏକା ଏକା ଏ ତୁମ ଭାବନାରେ।
କ'ଣ ବା ଲେଖିବି ଆଉ କାହାପାଇଁ ?
କବିତା ଲେଖୁଛି ପ୍ରିୟା ତୁମପାଇଁ ।

♥ବାଉଲସିଂହା ଭଟଲି ବରଗଡ଼

## ତୁଚ୍ଛା ବିଳାପ
### ଶ୍ରୀମତୀ ସୁଲକ୍ଷଣୀ ସାହୁ



ତୁମେ ମୁଁ
ଚାଲ ଫେରିଯିବା ଅଫେରନ୍ତା ସେଇ କୁହୁଡି
ର କୁହୁକ ରାଇଜକୁ
ଯା' ଭାଗ୍ୟରେ ତୁମ ମୋ ନିବିଡ଼ ପଣ ନଥିଲା
ଝରି ପଡ଼ିଥିବା ସେଇ ତମାମ ଘାସଫୁଲର
କାକର ସିକ୍ତ ଆବେଗ ଘେରକୁ
ଯିଏ ଆମ ସପନର ମୃଦୁ ଗାଲିଚା ବିଛେଇ
ପାରି ନଥିଲା।

ଫେରିଯିବା ସେ ଶ୍ରାବଣର ସ୍ନିଗ୍ଧ ବେଳାକୁ
ଯହିଁ ରଜରଜ ହୃଦୟର ରୁଣୁଝୁଣୁ ଝଡି ପାଉଁଜି
ମୂର୍ଚ୍ଛନାରେ ବାଇ ଆକାଶ ପୃଥିବୀ
ଚକ୍ ଚକ୍ ଧାରେ ଆଲୁଅରେ
ଗୋପନ ମିଳନର ସଞ୍ଚରଣ
ଅଭିମାନ ରଡରେ ନାଦିତ ଘଡଘଡିରେ ଦିହିଙ୍କ
ନିଡର ପଣ
ସମର୍ପଣର ବିସାରରେ ଅବନତ
ସେଠି କାହାର ବିସ୍ତାରପଣ
ରୁଣ୍ଡାଇବାକୁ କିଏ ବ୍ୟସ୍ତ ଅଭିକ ପ୍ରିୟର
ଅଭିମନ ତକ
ହେଲେ ଅଖୋଜା ଆମ କାତର ବହ୍ନିର ଝୁଲ।

ଚାଲ ପଛୁଆ ବୁଲାଇ ନେବା
ଝାଆଁ ଝାଆଁ ସମୟର ଶବ୍ଦ
ଅଦୃଶ୍ୟ ଯେତେକ ଶରତର ମୋହମୟ ଶଶୀ
ପ୍ରେମର ଅଷ୍ଟମ ରଙ୍ଗେ ଭିଜା
ଇନ୍ଦ୍ରଧନୁର ସପ୍ତ ମୋହକ
ନୀଡ଼ର ନିବିଡ ଭ୍ରମ ମିଶା ଆଲିଙ୍ଗନର
ଶୁଭ୍ର ଫେନିଳ ମେଘ
ଅନାସକ୍ତ ଯୋଡେ ଅବୋଧ ମନ ।

ଅଫେରା ଝରା ବସନ୍ତର ଅମାପ
ବିଳାସିତ ରଙ୍ଗ
ରାଇ ଦାମୋଦର ମଧୁଭାବ ମଳୟ
କୁହୁ ବିଭୋର ଆମ୍ର ଉପବନ
ଆବୋରି ମୁଠେଇ ନେବା ନ କରି ଡେରି
ମିଳେଇ ପଡ଼ିଥିବା ସେ ମଧୁମୟ ଶିହରଣ।

ବୟସର ଅପରାହ୍ନେ ଆଜି
ସମୟ କାନ୍ଥରୁ ଅକାର୍ଯ୍ୟେ ଝଡା
ମୁହୂର୍ତ୍ତଗୁଡିକୁ ଫାଙ୍କିବାରେ
ନିଜ ଅକଳନ୍ତା ବ୍ୟସ୍ତତାର
ମେଞ୍ଚା ମେଞ୍ଚା ତୁଚ୍ଛା ବିଳାପ।

ତୁମେ ଥିଲ ମୁଁ ଥିଲି
ଅଥଚ ଠିଆ ଗର୍ବ ଅହଂକାରର ବୟସ
ଘୋଘୋ ଶବ୍ଦରେ ସଂଲିପ୍ତ ସଂଲୀନ ଆମ
ଭାଗର ଅଭିଭୂତ ସମୟ ॥

♥ଖରିଆର ରୋଡ

## ନଆସ ସଜନୀ
### ପ୍ରଶାନ୍ତ କୁମାର ଦାଶ



ତମେ ପଛେ ନଆସ ସଜନୀ
ଛାଡିଦେଇ ସହରର ସୁଖ
ମୁଁ କିନ୍ତୁ ଯାଉଛି ମୋ ଗାଆଁକୁ
ଭୁଲିବାକୁ ଜୀବନର ଦୁଃଖ ।।
ସାଇଁ ସାଇଁ ଶୁଭେ ସଂଜେ
ଝାଉଁବଣ ପବନର ଗୀତ
ଗଛ ବଣ ତୋଟା ବିଲ
ପକ୍ଷୀ ସବୁ ଆପଣାର ମିତ ।।
ନିଆଁପୁଆଁ ମଜା ଅଛି
ଶୀତ ସଞ୍ଜେ ଗାଆଁଦାଣ୍ଡ ପରେ
ଶ୍ରାବଣର ଆକାଶରୁ
ମିଠା ମିଠା ବର୍ଷା ପୁଣି ଝରେ ।।
ସଞ୍ଜ ନଇଁଗଲା ପରେ ଶୁଭେ
ଭକତର ଜଣାଣ ଭଜନ
ମେଳା ମଉଛବ ଯାତ କରେ
ସଭିଙ୍କର ମନକୁ ରଞ୍ଜନ ।।
ଭାଗବତ ଟୁଙ୍ଗୀ ଘରୁ
ଶୁଭେ ନିତି ଭାଗବତ ବାଣୀ
ବୋଉ ରାନ୍ଧି ବାଢି ଦିଏ
କେତେ ଖାଦ୍ୟ ପୁଣି ମନ ଜାଣି ।।
ଅମଳକରି ଖଳାରେ
ଠୁଳକରେ ଫସଲକୁ ଚାଷୀ
ବଗିଚାରେ ଫୁଟି ଫୁଲ
ମହ ମହ ଉଠେ ପୁଣି ବାସି ।।
ଇଚ୍ଛାହୁଏ ଗାଆଁକୋଳେ
ରହିବାକୁ ଜନ୍ମଜନ୍ମାନ୍ତର
ଗାଆଁଟ ନନ୍ଦନବନ
ଅମରାବତୀ ସତେ ସରଗର ।।
ତମେ ଯଦି ରହିଯିବ
ରୁହ ସାଥୀ ସହର ଛାତିରେ
ମୁଁ କିନ୍ତୁ ବିଦାୟ ନେବି
ହସି ହସି ମୋ ଜନ୍ମମାଟିରେ ।।

♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ପ୍ରେମପତ୍ର
### ପୁସ୍ତମ୍ ଯୁଆଡ଼ି



ଭିଜା ଆଖିର ଲୁହ ଓ କୋହ ଯେତକୁ ନିଗାଡି
ଲେଖିଥିଲା ଜୀବନର
ପ୍ରଥମ ଓ ଶେଷ ପ୍ରେମପତ୍ର
ବଡ ସରାଗରେ !

ନା ଥିଲା ପାଇବାର ଆଶା
ନା ହରେଇବାର ଭୟ
ନା ଥିଲା ଭୋଗିବାର ଲାଳସା
ନା ତ୍ୟାଗର ତିତିକ୍ଷା
କେଇ ପଦ ଆନ୍ତରିକତାର ପାଦଚିହ୍ନ
ହିଁ ସେହି ପ୍ରେମପତ୍ର !

ଲେଖିଥିଲା କେଉଁ ଆବେଗରେ
ସେ ହିଁ ଜାଣିଥିଲା
ସଫେଦ୍ କାଗଜରେ ଗାରି ଦେଇଥିବା
ସେ ଆବୁର ଜାବୁରୁ ଭାବନା ହିଁ
ମୋ ପାଇଁ ଜୀବନର ମନ୍ତ୍ର ଓ ବଞ୍ଚିବାର
ପ୍ରାର୍ଥନା ହୋଇଗଲା।

ପ୍ରେମ ମାନେ ପାଇବାର ଆଶା ତ ନ ଥିଲା
ତ୍ୟାଗର ମୂର୍ତ୍ତିମନ୍ତ ଦେବୀ ପାଲଟିଗଲା,
କେଇ ପଦ କଥାରେ
କ'ଣ ଶିଖେଇ ଦିଆଯାଇପାରେ
ବଞ୍ଚିବାର କଳା,
ସେ ମତେ ତାହା ହିଁ ଶିଖେଇ ଥିଲା ।

ଭୁତିବାହାଲ୍,ଗାଇସିଲାଟ୍,ବରଗଡ
ମୋ -୬୩୭୧୪୧୯୩୩

## ଛିନ୍ନ ସ୍ୱପ୍ନର ପଥରେ
### ସ୍ୱାଗତିକା ତରାଇ



ଆଜି ତୁମେ ଅନ୍ୟ ରାସ୍ତାରେ, ମୁଁ ଅନ୍ୟ ଏକ ପଥରେ
ମୋ ସ୍ୱପ୍ନ ଗୁଡ଼ିକ ଭାଙ୍ଗିଗଲା, ସମୁଦ୍ରର ଢ଼େଉରେ।
ଯେଉଁ ମୁହଁ ହସୁଥିଲା ମୋତେ ଦେଖି କରି
ଏବେ ସିଏ ବାଟ ଭାଙ୍ଗି ଚାଲିଯାଏ ଅଚିହ୍ନା ଲୋକଙ୍କ ପରି।

କେତେଥରି ମୁଁ ନିଜକୁ ପଚାରିଲି —
'ପ୍ରେମ ଯଦି ସତ୍ୟ, ଏମିତି କିପରି ଶେଷ ହୋଇଗଲା ?'
ହୃଦୟର କୋଣରେ ଚୁପଚାପ
ଅନେକ ଆକାଂକ୍ଷା ଅନାଥ ହୋଇ ରହିଗଲା।



ମୋ ସ୍ୱପ୍ନ ମିଳେଇଗଲା ଅଲୋକ ହୀନ ରାତିରେ,
ଅପେକ୍ଷାର ଦୀପ ଲିଭିଗଲା ନିଶ୍ୱାସର ପବନରେ।
ତୁମେ ଯାଇଥିବା ମୁହୂର୍ତ୍ତରୁ
ମୋ ଜୀବନ ଲେଖା ହେଲା ଅପୂର୍ଣ୍ଣ କବିତା ଛନ୍ଦରେ।

କାନ୍ଦିବାକୁ ମଧ୍ୟ ଆଜି ମୋତେ ଲାଗେ ଅପରାଧ,
ଯନ୍ତ୍ରଣାକୁ ଲୁଚାଇ ରଖିଛି ବୋଲି ହସର ଆବରଣ ମଧରେ।
ତଥାପି ମନ ଭିତରେ ଏକାକୀ ଗଳ୍ପ ଲେଖାଯାଉଛି —
ଅପୂର୍ଣ୍ଣ ପ୍ରେମର କାହାଣୀ,
ଭାଙ୍ଗିଯାଇଥିବା ମୋ ମନର ସଫେଦ ପୃଷ୍ଠାରେ।

♥ଜେଲରୋଡ଼, ବାଲେଶ୍ୱର



## ଶିତୁଆ ସଂଜରେ
### ପ୍ରଦ୍ୟୁମ୍ନ ପଟ୍ଟନାୟକ

ଶୀତୁଆ ସଞ୍ଜରେ ହେମାଳ ପବନ
ଦେହକୁ ଥରାଇ ଦିଏ
ତୁମରି ପରଶ ଉଷୁମ ଛୁଆଁକୁ
ଏକା ବସି ଖୋଜୁ ଥାଏ ।

ଅତୀତର ସ୍ମୃତି ଗୋଟି ଗୋଟି କରି
ପଡ଼ିଯାଏ ମୋର ମନେ
ଗହଳ ଚହଳ ଥିଲା ଏ ଜୀବନେ
ଥିଲ ତୁମେ ଯେବେ ଦିନେ
ସେ ଦିନର ସ୍ମୃତି ସେ ଅଭୁଲା ପ୍ରୀତି
ଅହରହ ହେଜୁଥାଏ ।

ଦେଖୁ ଦେଖୁ ବେଳ ବୁଡ଼ି ଯାଇ ଯେବେ
ଅନ୍ଧାର ଆସଇ ନଇଁ
ମୁଁ ଏକା କେବଳ କାକରରେ ଭିଜେ
ଆକାଶକୁ ଚାହିଁ ଚାହିଁ
ନଥାଏ ମୋ ନିଦ ସୁକୋମଳ ଶେଯ
ଲୁହ ଧାରେ ଭିଜୁଥାଏ ।

ସେପାରିରେ ତୁମେ ଏପାରିରେ ମୋର
ଦିନ ଆଉ ଯେତେ ବାକି
ଝୁରିବି ତୁମକୁ ଗୁମରି ଗୁମରି
ଯେ ଯାଏ ନନେବ ଡାକି
ତୁମ ପରି ଆଉ ଖୋଜିବ କିଏସେ
ମୁଁ ଯଦିବା ହଜିଯାଏ ।
ଝଞ୍ଝ

♥ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ
ଦୀପ ଟାୱାର, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ଭବାନୀପାଟଣାରେ ଶୀତ
### ଐଶ୍ୱର୍ଯ୍ୟା ପ୍ରଧାନ



ଭବାନୀପାଟଣାରେ ଫି ବର୍ଷ ଶୀତ ଆସେ
ପୁଣି ଲେଉଟି ଯାଏ,
କେଜାଣି କାହିଁକି !
ଏଥରର ଶୀତ କିନ୍ତୁ ଥିଲା ନିଆରା।

ଭୋର ବେଳକୁ କୁହୁଡ଼ି ରସରେ ହାଲୁକା ଭିଜୁ
ଥିଲା ସାରା ସହର
ଶୀତରେ ଥରି ଉଠୁଥିଲେ ସମସ୍ତେ,
ଶାବକର କଅଁଳିଆ ପରକୁ ଦେଖି ସ୍ୱପ୍ନ
ବୁଣୁଥିଲା ବାଇଚଢ଼େଇ
ଆଉ କେହି ତତଲା ତେଲରେ ମାପୁଥିଲେ
ଦିନ ଗୋଟାକର ଆଶା।

ମାଆଙ୍କ ମନ୍ଦିରରୁ ସେମିତି ଶୁଭୁଥିଲା
ଶଂଖଘଣ୍ଟ
ଆଳତୀ ବେଳର ସ୍ତବ
ଧୀରେ ଧୀରେ ବଢ଼ି ଯାଉଥିଲା ଗହଳି
ଶୀତୁଆ ସନ୍ଧ୍ୟା ବେଳରେ ଧୂଆଁଳିଆ ଲାଗୁଥିଲା
ଭବାନୀପାଟଣା
ସେଇ ଧୂଆଁରେ ଅସ୍ପଷ୍ଟ ଲାଗୁଥିଲା କିଛି ଜଣଙ୍କ
ଚେହେରା ଆଉ ଚରିତ୍ର।

ଏଥରର ଶୀତ କାହା ଆଖିରେ ଭରି ଦେଉଥିଲା
ଅକଳନ ନିଦ
ମୋ ଆଖିରେ କିନ୍ତୁ ଅୟୁତ ଯୁଗର ଅପେକ୍ଷା
ଏ ଶୀତ ଥରେଇ ଦେଉ ନ ଥିଲା ମୋର ଛାତି
କିନ୍ତୁ ବରଫ ପାଲଟି ସାରିଥିଲା ଦେହ।
ବର୍ଷା ପରେ ଶୀତ
ତା ପରେ ଆଉ ଜଣେ
କିଏ ଭିଜାଏ ଆଉ କିଏ ମନ ମାରିଦିଏ
ଋତୁ ବଦଳେ
ବଦଳେ ଦିନ, ତାରିଖ, ମାସ, ବର୍ଷ
ଏମିତିକି ପ୍ରେମ, ପ୍ରେମିକ, ପ୍ରେମିକା ସମସ୍ତେ।

ହେ ଶୀତ ! ଥରୁଟେ ବଦଳେଇ ଦିଅ ମୋର
ଏଇ ଭଂଗା ମନକୁ
ଦେଖ ଥରେ ଖୁମ୍ପିଖୁମ୍ପି ଖାଇ ସାରିଥିବା ହୃଦୟ
ଭିତର ଦାଗକୁ
ଜାଣିଯିବ ଛଳନା ମରୁରେ ହଜି ସାରିଥିବା
ପଥିକଟେ ମୁଁ
ଭବାନୀପାଟଣା ଶୀତରାତିର ଆଉଟା
ଅନ୍ଧାରରେ
ବାଟବଣା ବାଟୋଇଟେ ମୁଁ ।

♥ପୋଷ୍ଟାଲ କଲୋନୀ
ଭବାନୀପାଟଣା,କଳାହାଣ୍ଡି
ମୋ-୭୦୦୮୯୩୧୫୯୯

## ତୁମ ପାଇଁ ସିନା
### ଆଦ୍ୟାଶା ମହାପାତ୍ର



ମନ ଚକ୍ଷୁରେ ମୁଁ ଦେଖେ ତୁମ ରୂପ
ଲଭେ ଭବ୍ୟ ଜୀଜିବିଷା
ଯେତେ ଦେଖୁଥିଲେ ତଥାପି ଆତୁର
ଅଶେଷ ମୋର ସେ ତୃଷା ।।

ଘନକୃଷ୍ଣ ଦେହେ ପୀତବାସ ତୁମ
ଚହଟ ଚିକ୍କଣ ଦିଶେ
ତୁମ ଆଖି ସହ ମିଶିଲେ ମୋ ଆଖି
ଲୁହର ପ୍ଲାବନ ଆସେ ।।

ନୟନେ ତୁମର ସ୍ନିଗ୍ଧ ସମ୍ମୋହନ
ଅଧରେ ରକ୍ତିମ ଆଭା
ସେ ଦୁଇ ବର୍ତ୍ତୁଳ ଚକ୍ଷୁ ପଟଳରେ
ଉଭା ଜଗତର ଶୋଭା ।।

କେମିତି କହିବି ମୋ ହୃଦ ସ୍ପନ୍ଦନେ
ତୁମେ ହିଁ ଝଙ୍କୃତ ସ୍ୱର
ପ୍ରତି ମୁହୂର୍ତ୍ତରେ ସୃଜନ ଆବେଗ
ଶବ୍ଦାକ୍ଷରେ ଦିବ୍ୟ ଝର ।।

ତୁମ ପାଇଁ ସିନା ହୃଦ ଉପବନେ
ଫୁଟେ ଖୁସି ପାରିଜାତ
ଜୀବନ ରଥେ ମୋ ତୁମେ ହିଁ ସାରଥୀ
ପ୍ରତ୍ୟକ୍ଷତଃ ପ୍ରଦର୍ଶକ ।।

ତୁମରି ସ୍ୱରୂପ ଧାରଣେ ଚିନ୍ତନେ
ସମଭାବ ଦୁଃଖ ସୁଖ
ତୁମରି ଆଶିଷ ପରଶେ ଉନ୍ମୁଖ
ଜୀବନର ସବୁ ଲକ୍ଷ ।।

♥ନୂଆପଡା, କଟକ

## ଆତ୍ମିକ ଚିତ୍ରଣ
### ସୁଧାକର ରାଉତ



କାହାକୁ ଖୋଜୁଛ ପାନ୍ଥ କୁହ
ସମୟର ଘଡିସନ୍ଧି ବେଳେ
ହଜିଛି ଯେ ମିଳିବ କି କେବେ
ଅନ୍ଧାରର ରାଜୁତି କାଳେ ।
ମନ୍ଦିରେ ଯେ ପାଷାଣ ଦେବତା
ଭାବେ ପ୍ରାଣବନ୍ତ କରେ ନର ।
ଭାବ ହଜେ ସ୍ୱାର୍ଥ କୁଣ୍ଡଳୀରେ
ବାହାର ଭିତରେ ବହୁଦୂର ।
ହୃଦେ ଜଳେ ଅହମିକା ଦୀପ
ସିମୀତ ତାର ଆଲୋକଶିଖା
ଅମଣିଷପଣିଆର ସ୍ୱରେ
ମନୁଷ୍ୟତ୍ୱ ନ ଦିଅଇ ଦେଖା ।
ଶାମୁକା ପଡ଼ିଛି ଅସହାୟେ
ଗର୍ଭୁ ଜାତ ହୁଏନି ତା ମୋତି
ସୁବର୍ଣ୍ଣଟା ପିତ୍ତଳ ପରାୟେ
କାନ୍ଦେ ଆଜି ହରାଇ ତା ଜ୍ୟୋତି ।
ଅଭିସାରୀ ଋତୁରାଜ ଖେଦେ
ନିଷ୍ଠୁର ନିଦାଘେ ମରେ ଝୁରି
ସୁଶୋଭିତ କଜଳର ଗାର
ଅସରା ଲୁହରେ ଯାଏ ସରି ।
କଣ୍ଟକିତ ପଥେ ଯାତ୍ରା ଦିଏ
ଜୀବନର ଅନୁଭବ ସୁଖ
ନାନା ଭ୍ରାନ୍ତି ନାନା ଅଶ୍ରୁ ସହି
ଲିଭିଯାଏ ପରାଜିତ ଦୁଃଖ ।
ଲଘୁ ଆମୋଦର ପରାପତେ
ବ୍ୟାକୁଳିତ ହୁଏ ସଦା ମନ
ନିଜ କ୍ରିୟମାଣ କର୍ମ ପ୍ରତି
ନ ରଖିଣ ତିଳେ ମାତ୍ର ଧ୍ୟାନ ।

♥ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଚମ୍ପୁଆ,୨୪/୧୧ (ନି.ପ୍ର): ସ୍ଥାନୀୟ ନେହେରୁ ଷ୍ଟାଡିୟମ ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଆସିଷ୍ଟାଂଟ ଲେବର ଅଫିସର ତଥା ପୂର୍ବ ଛାତ୍ର ଅମରେଶ କର ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଅବଗତ କରିଥିଲେ । ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ ଯୋଗଦେଇ ସୁସ୍ଥ ଶରୀର ପାଇଁ କ'ଣ କରିବା ଆବଶ୍ୟକ ସେ ବିଷୟରେ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳାର ଆବଶ୍ୟକତା ବିଷୟରେ କହିଥିଲେ । ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ସମ୍ପାଦକ ଭୋଳାନାଥ ମିଶ୍ର , ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଦି ମଂଚାସୀନ ଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଂଚକାର୍ଯ୍ୟ ପରିଚାଳନା କରିଥିଲେ । ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ କ୍ରୀଡା ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ମହାନ୍ତ ପୁରସ୍କାର ଘୋଷଣା କରିଥିଲେ । ଏନ୍.ସି. ସି. ଶିକ୍ଷକ ବସନ୍ତ କୁମାର ମହାନ୍ତଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

# ରୋଜଗାର ଦାବିରେ ଗ୍ରାମବାସୀଙ୍କ କାଶିଆ ଜିନ୍ଦଲ ଖଣି ସମ୍ମୁଖରେ ଧାରଣା

ଚମ୍ପୁଆ,୨୪/୧୧ (ନି.ପ୍ର): ରୋଜଗାର ଦାବି ନେଇ ଗ୍ରାମବାସୀଙ୍କ କାଶିଆ ଜିନ୍ଦଲ ଖଣି ସମ୍ମୁଖରେ ଦୁଇ ଦିନ ଧରି ଧାରଣା ଦେଇଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ଗ୍ରାମ ପଂଚାୟତ ସ୍ଥିତ କାଶିଆ ଜିନ୍ଦଲ ଖଣି ସମ୍ମୁଖରେ ରୋଜଗାର ଦାବିରେ ସ୍ଥାନୀୟ ଗ୍ରାମବାସୀ ମାନେ ବିଗତ ଦୁଇ ଦିନ ଧରି ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜିନ୍ଦଲ ଖଣି ଅଧିକାରୀ ମାନେ ସ୍ଥାନୀୟ ଗ୍ରାମ ବାସୀଙ୍କୁ ରୋଜଗାର ଯୋଗାଇ ଆସୁଥିଲେ କିନ୍ତୁ ସାଧାରଣ ନିର୍ବାଚନ ପରେ ପରେ ଉକ୍ତ ଗ୍ରାମ ବାସୀଙ୍କୁ କମ୍ପାନୀ ଅଧିକାରୀ ମାନେ ନିଜ ନିଜ କାମରୁ ବଂଚିତ ରଖିଥିଲେ । ପରେ ଗ୍ରାମ ବାସୀ ମାନେ କମ୍ପାନୀ ଅଧିକାରୀଙ୍କୁ ଓ ସ୍ଥାନୀୟ ପ୍ରଶାସନ ଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କୌଣସି ଫଳପ୍ରଦ ନ ହେବାରୁ ସ୍ଥାନୀୟ ଗ୍ରାମବାସୀ ଗତକାଲି ଠାରୁ କାଶିଆ ଜିନ୍ଦଲ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଛନ୍ତି ।

# ରକ୍ତଦାନ ଶିବିର ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ,୨୪/୧୧ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଂଚାୟତ ନିଗିନପୁର ନୃସିଂହଜୀଉ ନୋଡାଲ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ଓ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, ଏଚଡିଡିସି ବ୍ୟାଙ୍କ୍ ପଟ୍ଟାମୁଣ୍ଡାଇ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଏକ ନିଆରା ଢଙ୍ଗରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି । ମୁଖ୍ୟ ଅତିଥି ଶ୍ରୀକାନ୍ତ କୁମାର ବାରିକ ଆଇଆଇସି ଗ୍ରାମାଚଂଳ ଥାନା ପଟ୍ଟାମୁଣ୍ଡାଇ ଓ ସମ୍ମାନିତ ଅତିଥି ବୃନ୍ଦ ହେଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ମୋହନ ମହାରଣା, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ସଂଜରିଆ ଗ୍ରାମ ସରପଂଚ ନିରାକାର ନାୟକ। ବିଶିଷ୍ଟ ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ ଓ ସୁଧାଂଶୁ ତ୍ରିପାଠୀ ଓ ଅନ୍ୟ ବୁଦ୍ଧିଜୀବୀ ବିଜୟ ଜେନା ଓ ଏଚଡିଏଫସି ବ୍ୟାଙ୍କ ପଟ୍ଟାମୁଣ୍ଡାଇର ସଦସ୍ୟ ରୋଜାଲିନ ସାହୁ ପ୍ରତୀକ୍ଷା ଜେନା। ପଣ୍ଡିତ କବି ପ୍ରମୋଦ ତ୍ରିପାଠୀ, ସଞ୍ଜୀବ କୁମାର ତରାଇ, ଚିତ ରଞ୍ଜନ ମିଶ୍ର, ମହେଶ୍ୱର ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ, ସୁଲେଖ ପ୍ରଧାନ, ବାଦଲ କୁମାର ଦାସ, ହେମନ୍ତ କୁମାର ରାଉତ, ଜୟନ୍ତ ସାହୁ, ନୟନ ଗିରି, ସ୍ୱାମୀ ବିବେକାନନ୍ଦ ଯୁବସମାଜ ସଭାପତି ନିହିର କାନ୍ତ ନାୟକ, ଉପସଭାପତି ରତିକାନ୍ତ ରାଉତ, ସମ୍ପାଦକ ବିଭୂତି କୁମାର ପ୍ରଧାନ, ଉପଦେଷ୍ଟା ମଳୟ ରଞ୍ଜନ ବାରିକ, ବରିଷ୍ଠ ଉପଦେଷ୍ଟା ଆଲୋକ କୁମାର ଦାସ ଓ ସରୋଜ କାନ୍ତି ସାହାଣୀ, ସାଗର ସୂତାର, ବେଦଜ୍ୟୋତି ଦାସ, ଦେବାଶିଷ ଜେନା, ସୁଦର୍ଶନ ସ୍ୱାଇଁ, ତ୍ରିଲୋଚନ ସାହୁ, ମନୋରଞ୍ଜନ ସାହୁ, ଗୌତମ କୁମାର ସାହୁ, ମୃତ୍ୟୁଞ୍ଜୟ ଜେନା, ଅନିଲ କୁମାର ଦାସ, ସୂର୍ଯ୍ୟକାନ୍ତ ତ୍ରିପାଠୀ, ସୁବାସ ପ୍ରଧାନ, ମଦନ କୁମାର ଦାସ, ଭବାନୀ ଶଙ୍କର ଗିରି ଓ ଅତିରିକ୍ତ ସଭାପତି ସଂଗ୍ରାମ କୁମାର ଦାସ, ବୁଲୁ ଦାସ , ବାବୁଲ୍ ଆଦି ପ୍ରମୁଖ ଉପସ୍ଥିତ ଥିଲେ। ସନଜରିଆ, ଅରଡପଲ୍ଲୀ, ଗଙ୍ଗାରାମ ପୁର ଗ୍ରାମପଂଚାୟତ ସମେତ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ଏବଂ ଏସଏଚଜି ସ୍ୱୟଂ ସହାୟକ ମହିଳା ମଧ୍ୟ ସାମିଲ ହୋଇଥିଲେ ।

# ଏନସିସି ଦିବସ ପାଳିତ

ଜୟପୁର,୨୪/୧୧ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ୭୭ତମ ଏନସିସି ଦିବସ ପାଳିତ ହୋଇଯାଇଛି। କୁଳସଚିବ ମହେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜାତୀୟ ସମର ଶିକ୍ଷାର୍ଥୀ ବହିନୀଙ୍କୁ ଶୃଙ୍ଖଳାର ଅନ୍ୟନାମ ଏନସିସି ବୋଲି କହିଥିଲେ। ସାରା ଜୀବନ ଏନସିସି ଛାତ୍ର ଛାତ୍ରୀ ଶୃଙ୍ଖଳାକୁ ଧାରଣ କରି ଆଗକୁ ଚାଲିଯିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନସିସି କ୍ୟାଡେଟ୍, ସେଂଟ ଜାଭିୟର ଉଚ୍ଚବିଦ୍ୟାଳୟ, ପ୍ରକାଶ ବିଦ୍ୟାଳୟରର ଏନସିସି କ୍ୟାଡେଟ ପ୍ୟାରେଡରେ ଭାଗ ନେଇଥିଲେ। ଏହି ଅବସରରେ ବକ୍ତୃତା, ଗୀତ, ରଚନା, ଖେଳ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଶ୍ରେଷ୍ଠ କ୍ୟାଡେଟ ଭାବେ ଯୁବରାଜ ସିଂହ ଓ ବାଳିକା ବିଭାଗରେ ସ୍ମୃତି ପ୍ରଭାଗିରି,ସେଂଟ ଜାଭିୟର ବିଦ୍ୟାଳୟର ଏନ.ତନିସ ଏବଂ ପ୍ରକାଶ ବିଦ୍ୟାଳୟର ଦେବରାଜ ଦିଆନଙ୍କୁ ଚୟନ କରାଯାଇଥିଲା। ସେହିପରି ଗେ?ରୀ ମୁଦୁଲିଙ୍କୁ ସରିତା ସମ୍ମାନ ପୁରସ୍କାର ସହ ନଗଦ ୧ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଓ ସିଦ୍ଧାନ୍ତ ନାୟକ ଉପସ୍ଥିତ ରହି କ୍ୟାଡେଟ ମାନଙ୍କୁ ପ୍ରେରଣା ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ୟାପଟେନ ଲକ୍ଷ୍ମଣ ପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲେଫ୍ଟନାଂଟ ସନ୍ତୋଷିନୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ପଣ୍ଡା, ଏମ.ଡି ସରିଫ , ଭାସ୍କର ଆମ୍ବା, ଅଙ୍କିତ ଦ୍ୱିର, ନିଶାନ ପଟ୍ଟନାୟକ, ଦୀପକ ଷଡଙ୍ଗୀ, ଦୁର୍ଗାଚରଣ ସାହୁ, ଅଧ୍ୟାପକ ଡ. ଅରୁଣ କୁମାର ରାଜ, ଅଧ୍ୟାପିକା ସୁକାନ୍ତି ସଏ, ପଲ୍ଲବୀ ନାୟକ ଯୋଗ ଦେଇଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୭୮ତମ ଏନସିସି ଦିବସ ପାଳିତ 'ପ୍ରାଚୀର ପତ୍ରିକା ଉଡାନ ଉନ୍ମୋଚିତ'

ବଲାଙ୍ଗୀର,୨୪/୧୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୭୮ତମ ଏନସିସି ଦିବସ ଆଜି ପାଳିତ ହୋଇଯାଇଛି। ପ୍ରାତଃ ୮ଘଂଟା ସମୟରେ ଏନସିସି କ୍ୟାଡେଟ ମାନେ ସୁସଂଗଠିତ ପେରେଡ,ଡ୍ରିଲ ଓ କମାଣ୍ଡ ପ୍ରଦର୍ଶନ କରିଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନୂତନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରକାରୀ ବଲାଙ୍ଗୀର ମହାବିଦ୍ୟାଳୟର ଅଧକ୍ଷ କୌତୁକ ପନ୍ଦର ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରି ନିଜ ବକ୍ତବ୍ୟରେ ଏନସିସି ରାଷ୍ଟ୍ରପ୍ରେମ ,ଶିଷ୍ଟାଚାର, ସମୟ ନିଷ୍ଠା ଓ ନେତୃତ୍ୱ ଗଢି ତୋଳିବାରେ ଏକ ଅତ୍ୟନ୍ତ ଦୃଢ଼ ମଂଚ ବୋଲି କହିଥିଲେ।ବିଦ୍ୟାଳୟ ର ଏସୋସିଏଟ ଏନସିସି ଅଫିସର ସୋମ୍ୟାଶ୍ରୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ନୂତନ ନାୟକ ନିଜ ବକ୍ତବ୍ୟରେ ଏନସିସି ର ଶିଷ୍ଟାଚାର, ଦେଶଭକ୍ତି, ନେତୃତ୍ୱ ଓ ସମାଜସେବାର ମୂଲ୍ୟବୋଧ ବିଷୟରେ ଉପସ୍ଥିତ କ୍ୟାଡେଟ ମାନଙ୍କୁ ପ୍ରେରଣା ଦାୟକ ଉଦବୋଧନ ଦେଇ ଥିଲେ । ଏସୋସିଏଟ ଏନସିସି ଅଫିସର ସୋମ୍ୟାଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାଡେଟ ମାନେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସ୍ୱଚ୍ଛତା ଅଭିଯାନ,ବୃକ୍ଷ ରୋପଣ,ସଡକ ସୁରକ୍ଷା, ରକ୍ତଦାନ ସଚେତନତା ଭଳି ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସଂକଳ୍ପ ନେଲେ। ଏହି ଅବସରରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ମାନସୀ ରାଣୀ ଦାଶ, ଦ୍ୱିତୀୟ ହର୍ଷିତା ଜାଡେଜା, ଯୁଗ୍ମ ଭାବେ ତୃତୀୟ ସ୍ଥାନ ତପସ୍ୱିନୀ ନାଏକ ଓ ଅଭିପ୍ସା ପତି ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନରେ ପ୍ରଥମ ପ୍ରିୟା ପୃଷ୍ଟି,ଦ୍ୱିତୀୟ ଶ୍ରୀୟା ଦର୍ଜୀ ଓ ତୃତୀୟ ଇଶା ବହିଦାର,ପ୍ରବନ୍ଧରେ ପ୍ରଥମ ମାନସୀ ରାଣୀ ଦାଶ,ଦ୍ୱିତୀୟ ତପସ୍ୱିନୀ ନାଏକ ଏବଂ ତୃତୀୟ ପ୍ରିୟା ପୃଷ୍ଟି,ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଦମୟନ୍ତୀ ଖୁଆସ, ଦ୍ୱିତୀୟ ତପସ୍ୱିନୀ ନାଏକ ଓ ତୃତୀୟ ସ୍ଥାନ ସଂସ୍କୃତି ସାହୁ ଅଧିକାର କରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଓ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।ଏହି ଅବସରରେ ଏନସିସି କ୍ୟାଡେଟ ମାନଙ୍କ ଅନ୍ତର୍ନିହିତ ଗୁଣାବଳୀ କୁ ପରିପ୍ରକାଶ କରିବାପାଇଁ ପ୍ରାଚୀର ପତ୍ରିକା 'ଉଡାନ' ଉନ୍ମୋଚନ ହୋଇଥିଲା। ସ୍ୱାଗତ ଭାଷଣ ପ୍ରଜ୍ଞା ପରିମିତା ବଘାର ଦେଇଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷୟତ୍ରୀ ସବିତା ମିଶ୍ର। ବିଦ୍ୟାଳୟର ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା, ପ୍ରିୟମ୍ବଦା ଦେବ, ସଂଗୀତା ସାହୁ,ସ୍ୱରୂପା ହୋତା, ସ୍ୱରଞ୍ଜିକା ରାଉତ, ଶିକ୍ଷକ ହରି ଖେତୀ, ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଅର୍ଜୁନ ଦାଶ, କର୍ମଚାରୀ କୁନି ନନ୍ଦ ସହଯୋଗ କରିଥିଲେ।ପରେ ପରେ ଏନସିସି ଛାତ୍ରୀ ଆକାଂକ୍ଷା ଷଡ଼ଙ୍ଗୀ, ହିନା ପ୍ରିୟଦର୍ଶିନୀ ବର୍ଗେ,ଶ୍ରୀୟା ଦର୍ଜୀ,ଅନୁ ମଲ୍ଲିକ, ପ୍ରତିଶ୍ରୁତି ସାଗର,ମାନସୀ ରାଣୀ ଦାଶ, ପ୍ରୀତିମୟୀ ଦାଶ,ପ୍ରିୟାଂଶି ପ୍ରିୟଦର୍ଶିନୀ ଦାଶ, ସ୍ୱସ୍ତିକା କୁମାର ଓ ଶିଖା ମିଶ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଭଦ୍ରକ ସଂସଦୀୟ କ୍ଷେତ୍ର ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ,୨୪/୧୧ (ନି.ପ୍ର): ଭଦ୍ରକ ସଂସଦୀୟ କ୍ଷେତ୍ର ସାଂସଦ କ୍ରୀଡା ମହୋତ୍ସବ ଭଦ୍ରକର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ ଖେଳ ପଡିଆ ଠାରେ ଉଦଘାଟିତ ହୋଇଛି। ଏହି ଖେଳ ମହୋତ୍ସବ ଯୁବଶକ୍ତିର ଉତ୍ସାହ, ସଙ୍କଳ୍ପ ଓ ସ୍ୱପ୍ନକୁ ନୂଆ ଗତି ପ୍ରଦାନ କରୁଛି। ଗ୍ରାମ୍ୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ପ୍ରଶସ୍ତ ମଞ୍ଚ ଦେବାରେ ଏହି ଆୟୋଜନ କେବଳ ଏକ ଉତ୍ସବ ନୁହେଁ ଯୁବପିଢ଼ି ମାନଙ୍କ ପାଇଁ ପ୍ରେରଣା। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଶାଳୀ 'ଖେଲୋ ଇଣ୍ଡିଆ' ଅଭିଯାନକୁ ଆଗକୁ ବଢ଼ାଇବା ସହ, ସୁସ୍ଥ, ସଶକ୍ତ ଓ ଶୃଙ୍ଖଳିତ ସମାଜ ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ,ସଂସ୍କୃତି, ଯୁବ ସେବା ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲିପ୍ ରାଉତରାଏ,ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଓ ସରୋଜ ଦତ ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ,ଓଏସଡ଼ି ରମେଶ ଚନ୍ଦ୍ର ମହାନ୍ତି, ବାଲେଶ୍ୱର ଡ଼ିଏସଓ ପୂର୍ଣ୍ଣଚନ୍ଦ୍ର ଜେନା,ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା,ମନସ୍ମିତା ଖୁଣ୍ଟିଆ, ବାଣୀକଲ୍ୟାଣ ମହାନ୍ତି, ଅଜୟ ନାୟକ, ଅକ୍ଷୟ ସାହୁ,ପ୍ରମୁଖ ଯୋଗ ଦେଇ ଭଦ୍ରକ ଜିଲ୍ଲାର ସାତଟି ବ୍ଲକ ଏବଂ ସଂସଦୀୟ କ୍ଷେତ୍ର ବାଲେଶ୍ୱର ଜିଲ୍ଲାର ସୋର ଏବଂ ସିମୁଳିଆ ରୁ ଆସିଥିବା ମୋଟ ନଅ ଶହ ଛାତ୍ର ଛାତ୍ରୀ କ୍ରୀଡାବିତ୍ ମାନଙ୍କୁ ସଂସଦୀୟ ଖେଳ ମହୋତ୍ସବର ଶୁଭେଚ୍ଛା ଜଣାଇଥିଲେ। କ୍ରୀଡା ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ ବିକଶିତ ଭାରତ ଗଢ଼ିବା ଦିଗରେ ସମସ୍ତେ ସଂକଳ୍ପ ନେବା ସହ ସୁସ୍ଥ ନାଗରିକ, କ୍ରୀଡା ର ଭିତ୍ତିଭୂମି ବିକାଶ ହେବା, ଗ୍ରାମାଞ୍ଚଳ ରୁ ପ୍ରତିଭା ଚିହ୍ନଟ ହୋଇ ପ୍ରତ୍ୟେକ ବିଦ୍ୟାଳୟ ଓ ଘରେ ଘରେ କ୍ରୀଡାବିତ୍ ସୃଷ୍ଟି କରିବା ହିଁ ପ୍ରଧାନମନ୍ତ୍ରୀ ଙ୍କ ପରିକଳ୍ପନା ରହିଥି?ବା କହିଥିଲେ। ଏହି ସାଂସଦ ଖେଳ ମହୋତ୍ସବ ରେ ସମସ୍ତେ ଶପଥ ପାଠ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରତିଯୋଗୀ ମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କ୍ରିଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

# ଉପଦେଷ୍ଟା ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମହାସଙ୍ଘର ସାଧାରଣ ବୈଠକ

କେନ୍ଦ୍ରାପଡା,୨୪/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମହାସଙ୍ଘର ସାଧାରଣ ବୈଠକ ରବିବାର ସ୍ଥାନୀୟ ବିନାୟକ ପ୍ୟାଲେସଠାରେ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲାର ଦକ୍ଷତା ସମ୍ପନ୍ନ ଭିତ୍ତିକ ଠିକାଦାର ମାନେ ଯୋଗଦେଇଏହି ମହାସଂଘ ର କାର୍ଯ୍ୟପନ୍ଥା ପନ୍ଥା ଓ ଏହାର ଆଭିମୁଖ୍ୟ ଠିକାଦାର ମାନଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନାରେ ଭାଗନେଇ ନିଜନିଜର ମତ ରଖୁଥିଲେ । ପ୍ରାଥମିକ ସ୍ତରରେ ମହାସଂଘର ଏକ ଅସ୍ଥାୟୀ ଆଡଭାଇଜର କମିଟି ଗଠନର କରା ଯାଇଥିଲା । ଜିଲ୍ଲାର ସମସ୍ତ ଠିକାଦାର ଭାଇମାନେ ସରକାର ଧାର୍ଯ୍ୟ ମୂଲ୍ୟ (ସିଡୁଲରେଟରେ) ଟେଣ୍ଡର ପକାଇବେ ଓ ଆଉକେହି ଠିକାଦାର ୧୪.୯୯ଲେସରେ ଟେଣ୍ଡର ପକାଇବେ ନାହିଁ ବୋଲି ସ୍ଥିରକରାଗଲା । ସରକାରଙ୍କ ଧାର୍ଯ୍ୟମୂଲ୍ୟଠାରୁ କମରେ ଟେଣ୍ଡର ପକାଇ ଠିକାଦାର ମାନେ ସର୍ବସାନ୍ତ ହେଉଛନ୍ତି ଏବଂ କାର୍ଯ୍ୟରମାନ ମଧ୍ୟ କମିଯାଉଛି । କେନ୍ଦ୍ରାପଡା ଜିଲ୍ଲା ଉପଦେଷ୍ଟା ମଣ୍ଡଳୀର ନିଷ୍ପତ୍ତିକୁ ସମସ୍ତ ଠିକାଦାର ମାନିବାପାଇଁ ସହମତି ପ୍ରକାଶ କରିଥିଲେ । ଏହି ବୈଠକରେ ଅଜିତ କୁମାର ସାହୁ, ବିଭୁରଞ୍ଜନ ପରିଡା, ମହେନ୍ଦ୍ର କୁମାର ରାଉତ, ଶିବ ପ୍ରସାଦ ପରିଡା, ରାଜେଶ ମହାନ୍ତି, ଗୌଉମ ମଲ୍ଲିକ, ଜାନକୀ ବଲ୍ଲଭ ସାମନ୍ତରାୟ, ସତ୍ୟେନ୍ଦୁ ସୁତାର, ସୁକାନ୍ତ ରାଉତ, ପ୍ରକାଶ ସାମଲ, ହରକୃଷ୍ଣ ନାୟକ, ପ୍ରଭାତ କୁମାର ଜେନା, ଅଶ୍ୱନୀ କୁମାର ସାମଲ, ନୃସିଂହ ବେହେରା, ରଶ୍ମିରଞ୍ଜନ ଦାସ, ଭରତ କୁମାର ପାତ୍ର, କିଶୋର ପଣ୍ଡାଙ୍କ ସମେତ ଅନେକ ଅଭିଜ୍ଞ ଠିକାଦାରମାନେ ଏହି ନିଷ୍ପତ୍ତିକୁ ସମ୍ମତି ଜଣାଇଥିଲେ ।

# ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣା ୧୩ ଜଣଙ୍କ ମଧ୍ୟରେ ୨ ନାବାଳକ ନାମରେ ମାମଲା

ଜୟପୁର,୨୪/୧୧ (ନି.ପ୍ର): ପାରିବାରିକ ବିବାଦରୁ ଜୟପୁର ସହରର ଦୁଇ ସାହି ମଧ୍ୟରେ ସମ୍ପୃଘର୍ଷ ପରେ ଶାନ୍ତି କମିଟି ସତ୍ତ୍ୱେ ସମାଧାନର ବାଟ ବାହାରି ପାରୁନାହିଁ। ବିବାଦ ଥମିବାର ନାଁ ନେଉନାହିଁ। ଚାପା ଉତ୍ତେଜନା ଜାରି ରହିଛି। ଗତ ୨୧ ତାରିଖ ରାତିରେ ଉଭୟ ପକ୍ଷ ପ୍ରତିନିଧି ଏକାଠି ହୋଇ ଟାଉନ ପୁଲିସ ସହ ଆଲୋଚନା କରିଛନ୍ତି। ମାରପିଟରୁ ଦୁରେଇ ରହିବାକୁ ପ୍ରତିଶୃତି ମଧ୍ୟ ଦେଇଥିଲେ। ଘଟଣା ପରେ ପୁଲିସ ଗତକାଲି ୭ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଆଜି ଆଉ ୬ଜଣଙ୍କ ନାମରେ ମାମଲା ରୁଜୁ କରିବା ସହା ଏହି ମାମଲାରେ ଆହୁରି ଲୋକ ମାନଙ୍କୁ ଗିରଫ କରାଯିବାର ଯୋଜନା ରହିଥିବା ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି। ବର୍ତ୍ତମାନ ନିୟନ୍ତ୍ରଣ ରହିଛି। ପୁଲିସ ଉଭୟ ସାହିରେ ପୁଲିସ ମୁତୟନ କରି କଡା ନଜର ରଖିଛି। ଲେବର ଅଫିସ ଛକ ଏବଂ ଟାଉନହଲ ଛକ ଠାରେ ପୁଲିସ ମୁତୟନ କରାଯାଇଛି। ଆଜି କୋର୍ଟ ଚାଲାଣ କରାଯାଇଥିବା ୧୩ଜଣ ଅଭିଯୁକ୍ତ ମାନେ ହେଲେ ବାପୁଜି ନଗର ଅଂଚଳର ସନ୍ତୋଷ ଖରା,ହରି ହନ୍ତାଳ,ରବି ବାଘ,ଚିଂଟୁ ଖରା,ମନୋରଞ୍ଜନ ହନ୍ତାଳ, ଗଣେଶ୍ୱର ଖରା, ମଦନ ଖରା,ପୂର୍ଣ୍ଣ ଖରା,ଦିବାକର ଖରା, ବାବୁଲି ଖରା, କେଲାନଗର ଅଂଚଳର ଗୁରୁପ୍ରିତ ସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଠାରୁ ଖଣ୍ଡା, କାତି,ଆଇରନ ରଡ ଓ ଠେଙ୍ଗା ଓ ପଥର ଜବତ କରିଥିବା ଟାଉନ ଥାନା ଅଧିକାରି ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି। ୧୩ ଜଣ ଙ୍କ ମାଧ୍ୟମ ରୁ ୨ ଜଣ ନାବାଳକ ରହିଛନ୍ତି ।

ପ୍ରକାଶ ଥାଉକି ଗତ ୨୧ ତାରିଖ ରାତିରେ ଉଭୟ ପକ୍ଷର ଲୋକଙ୍କୁ ନେଇ ଟାଉନଥାନାରେ ଶାନ୍ତି କମିଟି ଗଠନ କରାଯାଇଥିଲା। ପରେ ସାହିରେ ଏକ ବୈଠକ ଡକାଯାଇ ସାହିରେ ଶାନ୍ତି ଫେରାଇ ଆଣିବା ଲାଗି ସମସ୍ତଙ୍କୁ ଅପିଲ କରାଯାଇଥିଲା। ଆଗକୁ ଗଣ୍ଡଗୋଳ ନ କରିବାକୁ ଉଭୟ ଗୋଷ୍ଠୀର ସଦସ୍ୟ ପ୍ରତିଶୃତି ଦେଇଥିଲେ। କିନ୍ତୁ ଗତକାଲି ରାତି ଟାଉନ ହଲ ନିକଟରେ ଗୋପବନ୍ଧୁ ନଗର ଅଂଚଳର ୫୦ରୁ ଅଧିକ ଯୁବକ ଆକ୍ରମଣ କରିବା ପାଇଁ ଯୋଜନା କରୁଥିଲେ। ଘଟଣା ସ୍ଥଳରେ ପୁଲିସ ପହଁଚିବା ପରେ ସମସ୍ତ ଯୁବକ ଲୁଚି ଚାଲିଯାଇଥିଲେ। ପୁଲିସ ଶାନ୍ତି କମିଟି କରିବା ପରେ ମଧ୍ୟ ଯୁବକ ମାନେ ଉତ୍ତେଜନା ହେଉଥିବା ଯୋଗୁଁ ପୁଲିସର ଫର୍ମୁଲା ଏଠାରେ କାମ କରୁନଥିବା ଭଳି ମନେ ହେଉଛି। ଏହି ମାମଲାରେ ଏସଆଇ ରୁଚିକାନ୍ତ ମହକୁଡ ମାମଲାର ତଦନ୍ତକାରୀ ଅଧିକାରୀ ରହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଭିନ୍ନ ଜାତିର ପ୍ରେମ ବିବାହ ହୋଇଥିବାରୁ ପ୍ରଥମେ ଶାଶୁ ବୋହୂ ବିବାଦକୁ ନେଇ ଜୟପୁର ଟାଉନଥାନାରେ ମାମଲା ରୁଜୁ କରାଯାଇଥିଲା। ବିବାଦର ସମାଧାନ ସମୟରେ ଶୁକ୍ରବାର ମଧ୍ୟାହ୍ନରେ ଯୁବକ ରହୁଥିବା ଗୋପବନ୍ଧୁ ନଗର ଓ ଯୁବତୀ ରହୁଥିବା ବାପୂଜୀ ନଗରର ଦୁଇ ସାହି ମଧ୍ୟରେ ମୁହାଁ ମୁହିଁ ସ୍ଥିତି ଦେଖିବାକୁ ମିଳିଥିଲା। ଉଭୟ ପକ୍ଷ ଲେବର ଅଫିସ ଛକ ଟାଉନହଲ ମୁଖ୍ୟରାସ୍ତାରେ ମୁହାଁମୁହିଁ ହୋଇଥିଲେ। ମାରଣାସ୍ତ୍ର ସାଙ୍ଗକୁ ଇଟା ପଥର ମାଡ କରାଯାଇଥିଲା। ଆକ୍ରମଣରେ ୬ଜଣ ଆହାତ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଥିଲେ। ଘଟଣା ସ୍ଥଳରେ ଏସଡିପିଓ ପାର୍ଥ କଶ୍ୟପ, ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଓ ସଦର ପୁଲିସ କର୍ମଚାରୀ ପହଁଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଘଟଣାର ପୁନରାବୃତ୍ତି ନହେବା ପାଇଁ ପୁଲିସ ଉଭୟ ସାହିରେ ୨ ପ୍ଲାଟୁନ ଫୁଲିସ ଫୋର୍ସ ମୁତୟନ କରିବା ସହ ନାଇଟ ପେଟ୍ରୋଲିଙ୍ଗ କଡାକଡି କରିଛନ୍ତି।

# ତାଲୁକ ଆଇନ ସେବା ସମିତି ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ,୨୪/୧୧ (ନି.ପ୍ର): ଆଜି ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ସେବା ର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟି ଙ୍କ ପୌରହିତ ସଭାରେ ବିଚାରପତି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲଜଜ ଡି. କେ. ବାଲକ୍ରୀସନ୍ ଯୋଗ ଦେଇ, ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ପିଲାମାନ ଙ୍କର କଳା ପ୍ରତିଭା ବିକାଶ କ୍ଷତ୍ରରେ ସହାୟକ ହେବ। ପ୍ୟାନେଲ ଲୟାର ଧୀରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ଦେଇଥିଲେ ପଟ୍ଟାମୁଣ୍ଡାଇ ବାର ଆଶସ୍ସିଏସନ ର ଉପ ସଭାପତି ସୁରେଶ କୁମାର ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ. ଉକ୍ତ କାର୍ଯ୍ୟକ୍ରମ ରେ ରାଜନଗର ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ର ସପ୍ତମ ରୁ ଦଶମ ଶ୍ରେଣୀ ର ୧୩୦ ଛାତ୍ର ଛାତ୍ରୀ ଭାଗନେଇ ସକାଳ ୧୦ଟାରୁ ୧ଟା ପ୍ରଯ୍ୟନ୍ତ ପରିକ୍ଷା ଦେଇଥିଲେ। ସମସ୍ତ ଭାଗନେଇଥିବା ଛାତ୍ର ଛାତ୍ରୀ ଙ୍କୁ ପାର୍ଟିପେସନ ପ୍ରମାଣପତ୍ର ଦିଆଯାଇଥିଲା। ଅନ୍ୟମାନ ଙ୍କ ମଧ୍ୟରେ ଆଇନଜିବି ହୃଦାନନ୍ଦ ମହାନ୍ତି, ବାର ସମ୍ପାଦକ ରବିନ୍ଦ୍ର ଦାଶ,ରିଟ ନର ଗୀତାଞ୍ଜଳି ପୃଷ୍ଟି, ବିଜୟ କୁମାର ରାଉତ, ଅମରେନ୍ଦ୍ର ତ୍ରିପାଠୀ, ନିତ୍ୟାନନ୍ଦ ସେଠି, ବିକ୍ରମସାମଲ, ରାଜେନ୍ଦ୍ର ମୁର୍ମୁ, ଦୀପକ ସାମଲ, ମାନସ ସାମନ୍ତରାୟ, ବିଜୟ ସିଂହ,. ବାମନ ମହାନ୍ତି, ଚନ୍ଦ୍ରଶେଖର ଲେଙ୍କା, ବକୁଳ ନାୟକ, ସଞ୍ଜୟ ଧଳ, ବିଶ୍ୱଜିତ ସାହାଣୀ, ମୋହନ ଦାଶ, ଅପର୍ଣ୍ଣା ସାମଲ, ଗଣେଶ ତ୍ରିପାଠୀ, ଦେବାଶିଷ ମିଶ୍ର, ବିକ୍ରମ ସ୍ୱାଇଁ, ଅରବିନ୍ଦ ରାଉତରାୟ, ଅମରେନ୍ଦ୍ର ପଣ୍ଡା, ସୁଧାଂଶୁ ଲେଙ୍କା ପ୍ରଭୃତି ପରିଚାଳନା କରିଥିଲେ ।

# ତେଲ ଟ୍ୟାଙ୍କର ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୪/୧୧ (ନି.ପ୍ର): ତେଲ ଟ୍ୟାଙ୍କର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଖଳିସାହି (ରାଜୁଆ ସାହି)ର ଅମରେନ୍ଦ୍ର ପ୍ରସାଦ। ସୁଚନ ମୁତାବକ ରବିବାର ଅମରେନ୍ଦ୍ର ନିଜ ବାଇକ ଯୋଗେ ଖଣ୍ଡପଡ଼ା ଖଳିସାହି (ରାଜୁଆ ସାହି) ସ୍ଥିତ ଘରକୁ ଯାଇଥିବା ସମୟରେ ତାଙ୍କ ବାଇକକୁ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଅମାରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ଏନେଇ ପରିବାର ଲୋକେ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଛନ୍ତି।

# ନାଟ୍ୟମହର୍ଷୀ ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୪/୧୧ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ସାମାଜିକ ସଙ୍ଗଠନ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ରବିବାର ଦିନ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ନାଟ୍ୟମହର୍ଷୀ ଗୁରୁ ଭଗବାନ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ଯାଇଛି । ବୈଠକରେ ଗୁରୁ ଭଗବାନ ସାହୁ ସମ୍ବଲପୁରୀ ନାଟକ ଜରିଆରେ ସାମାଜିକ ପରିବର୍ତ୍ତନ ଆଣିବାରେ ବେଶ୍ ସଫଳ ହୋଇଥିବା ନେଇ ମଂଚାସୀନ ଅତିଥି ମାନେ ସ୍ମୃତି ଚାରଣ କରିଥିଲେ । ଗୁରୁ ଭଗବାନ ସାହୁ ନିଜ ନାଟକ ଦଳ ଜରିଆରେ ସମ୍ବଲପୁରୀ ଭାଷା, ସମ୍ବଲପୁରୀ ନୃତ୍ୟ ସହ ଅଂଚଳର ଶାସ୍ତ୍ରୀୟ ନୃତ୍ୟ ସହ ଶବ୍ଦନୃତ୍ୟକୁ ପ୍ରଚାର ପ୍ରସାର କରିଥିବା ବିଷୟରେ ବୈଠକରେ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ବିସ୍ତୃତ ଭାବେ ରୋମନ୍ଥନ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଆସନ୍ତା ଡିସେମ୍ବର ୨୦ ଏବଂ ୨୧ ତାରିଖରେ ଆୟୋଜିତ ହେବାକୁ ଥିବା ପଂଚମ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ଆୟୋଜନ ନେଇ ମଧ୍ୟ ଆଲୋଚନା କରାଯାଇଥିଲା ।

# ୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝର ଦ୍ୱାରା ୭୮ ତମ ଏନ୍.ସି.ସି. ଦିବସ ପାଳିତ

କେନ୍ଦୁଝର,୨୪/୧୧ (ନି.ପ୍ର): ରବିବାରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୮୦ ଜଣ ଏନ୍.ସି.ସି. କ୍ୟାଡେଟ ଏକ ଚମତ୍କାର ଏବଂ ପ୍ରେରଣାଦାୟକ ଉତ୍ସବ ପାଇଁ ଏକତ୍ରିତ ହୋଇ ୭୮ ତମ ଏନ୍.ସି.ସି. ଦିବସକୁ ଅତ୍ୟନ୍ତ ଉତ୍ସାହ, ଶୃଙ୍ଖଳିତ ଓ ଉଜ୍ଜ୍ୱଳ ଦେଶପ୍ରେମ ଭାବନା ସହିତ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଏକତା, ନେତୃତ୍ୱ ଏବଂ ନିଃସ୍ୱାର୍ଥପର ସେବାର ନୀତିକୁ ଚମତ୍କାର ଭାବରେ ପ୍ରଦର୍ଶନ କରିଥିଲା ଯାହାକୁ ଏନ୍.ସି.ସି. ଗର୍ବର ସହିତ ପ୍ରତିନିଧିତ୍ୱ କରେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ଉତ୍ସାହୀ ଏବଂ ମନମୋହକ ସାଇକେଲ ରାଲି ସହିତ ଆରମ୍ଭ ହୋଇଥିଲା ଯାହାକୁ ୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝର କମାଣ୍ଡିଂ ଅଫିସର୍ କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।୧୮୦ ଜଣ କ୍ୟାଡେଟଙ୍କ ଦ୍ୱାରା ଏକ ସାଇକେଲ ରାଲି ବଳଦେବ ଜୀଉ ମନ୍ଦିର ରୁ ଆରମ୍ଭ ହୋଇ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା।ଏହି ରାଲିର ଲକ୍ଷ୍ୟ ଥିଲା ପରିବେଶ ସଚେତନତା, ସଡ଼କ ସୁରକ୍ଷା,ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସୁସ୍ଥ ଜୀବନ ଶୈଳୀର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ।ସମାନ୍ତରାଳ ଭାବେ ୨୦୦ ଜଣ କ୍ୟାଡେଟଙ୍କୁ ନେଇ ଏକ ପଦ ଯାତ୍ରା ପ୍ରେରଣା ଦାୟକ ସ୍ଲୋଗାନ ଦ୍ୱାରା ବ୍ୟାପକ ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଏହା ପରେ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏକ ମର୍ଯ୍ୟାଦାଜନକ ପତାକା ଉତୋଳନ ସମାରୋହ ଏବଂ କ୍ୟାଡେଟମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି.,୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝରର ପ୍ରଶାସନିକ ଅଧିକାରୀ ଲେଫ୍ଟନାଂଟ କର୍ଣ୍ଣେଲ ମୟୂର ଘାର୍ଗେ ଯୋଗଦେଇ କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍.ସି.ସି. ସଫଳତାକୁ ଦର୍ଶାଉଥିବା ପ୍ରଦର୍ଶନୀ ଏବଂ ସମାଜସେବା ପଦକ୍ଷେପ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ସମସ୍ତ କ୍ଷେତ୍ରରେ ଏନ୍.ସି.ସି. କ୍ୟାଡେଟମାନଙ୍କ ସଫଳତାକୁ ପ୍ରଶଂସା କରିଥିଲେ ଏବଂ ସ୍ପୋର୍ଟସ ସୁଟିଂ ଦଳର ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ।ଦେଶ ପ୍ରେମ ଏବଂ ସୌହାର୍ଦ୍ଦ୍ୟର ସାର ପ୍ରତିଫଳିତ ସୁମଧୁର ପ୍ରେରଣାଦାୟୀ ଏନ୍.ସି.ସି. ସଙ୍ଗୀତ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ବାଲେଶ୍ୱର ମହାବୀର ଆଖଡ଼ା ସଂଘ ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୪/୧୧ (ନି.ପ୍ର): ବାଲେଶ୍ୱର ମହାବୀର ଆଖଡ଼ା ସଂଘ ର ଏକଶତ ବର୍ଷ ପୂର୍ତ୍ତୀ ଉଦଯାପନୀ ଉତ୍ସବ ଉପଲକ୍ଷେ ରାଜ୍ୟ ସ୍ତରୀୟ ଆଖଡ଼ା ପ୍ରତିଯୋଗିତା ଆସନ୍ତା ତା.୦୭.୧୨.୨୦୨୫ ରିଖ ରବିବାର ସ୍ଥାନୀୟ ବାଲେଶ୍ୱର ଷ୍ଟେସନ କ୍ଲବ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହେବା ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘ ର ସ୍ୱତନ୍ତ୍ର କାର୍ଯ୍ୟକାରୀଣୀ ସଭା ସ୍ଥାନୀୟ ମଠସାହି ନଣ୍ଡାଗୋସ୍ୱାମୀ ମଠ ପ୍ରାଙ୍ଗଣରେ ସଂଘର ସଭାପତି ଗୋପୀନାଥ ଶତପଥୀ ଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି, ଉକ୍ତ ରାଜ୍ୟ ସ୍ତରୀୟ ଆଖଡ଼ା ପ୍ରତିଯୋଗିତା ରେ ଓଡିଶା ର ବିଭିନ୍ନ ଜିଲ୍ଲା ରୁ ଏବଂ ଆମ ବାଲେଶ୍ୱର ର ୩୩ ଗୋଟି ଆଖଡ଼ା ଦଳ ଅଂଶ ଗ୍ରହଣ କରି ସମର କଳା ପ୍ରଦର୍ଶନ କରିବେ। ପ୍ରତ୍ୟେକ ଆଖଡ଼ା ଦଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ ଏବଂ ପୁରସ୍କୃତ କରାଯିବା ପାଇଁ ସ୍ଥିରୀକୃତ। ଉକ୍ତ ସଭାରେ ଉପସଭାପତି ପଦ୍ମଲୋଚନ ଲେଙ୍କା,ମନୋଜ କୁମାର ରାଉତ, ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚ୍ନ ଦାଶ,ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା ଓ ଲମ୍ବୋଦର ବେହେରା,ସହକାରୀ ସମ୍ପାଦକ ବିଜୟ କୁମାର ପଲାଇ ଓ ଦେବେନ୍ଦ୍ର ଦାସ,କୋଷାଧ୍ୟକ୍ଷ ରାଜେନ୍ଦ୍ର ଚ୍ଚାଟାର୍ଜୀ,ଉପଦେଷ୍ଟା ଦେବବ୍ରତ ପାଣିଗ୍ରାହୀ,କାର୍ତ୍ତିକ ଚନ୍ଦ୍ର ବେହେରା, କୃଷ୍ଣକର ନାୟକ, ପ୍ରତିମା ପଣ୍ଡା,ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବାସନ୍ତୀ ନାୟକ,ଆଶ୍ରୀତା ତରେଇ, ରବିନ୍ଦ୍ର ବେହେରା, ଗୌରାଙ୍ଗ ଚ୍ଚରଣ ଦାସ,ଭାରତ ଭୁଷଣ ଦାସ, ଡ଼ା.ପଙ୍କ ଜ କୁମାର ଦାସ, ଅନନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ପୁର୍ବକ ଏହି ମହାନ ରାଜ୍ୟ ସ୍ଥରୀୟ କାର୍ଯ୍ୟକ୍ରମ କୁ ସଫଳୀକୃତ କରିବା ପାଇଁ ସହଯୋଗ କରିଥିଲେ। ଉପ ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ,ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱରର ସମସ୍ତ ଆଖଡ଼ା ପ୍ରେମୀ ଯୋଗଦାନ ପୁର୍ବକ ସହଯୋଗ କରିବା ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘ ର ସଭାପତି ଗୋପୀନାଥ ଶତପଥୀ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୪୮ ଘଣ୍ଟାରେ ...

ତେବେ ୪୮ ଘଣ୍ଟା ପରେ ତାପମାତ୍ରା ୨ରୁ ୩ ଡିଗ୍ରି କମିବ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଅନ୍ୟପଟେ ଏକ ଚମକାଇଲା ପରି ଆକଳନ କରିଛି ଇସିଏମଡବ୍ଲୁଏଫ ମଡେଲ । କୋମରିନ ଅଞ୍ଚଳ ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ତତ୍ ?ସଂଲଗ୍ନ ଶ୍ରୀଲଙ୍କା ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି କ୍ଷ ପରେ ଏହା ଆଣ୍ଡାମାନ ସାଗର ନିକଟରେ ସକ୍ରିୟ ଥିବା ବାତ୍ୟା ସହ ମିଶିବାର ସମ୍ଭାବନା ଅଧିକ । ତେବେ ଏହାର ଗତିପଥ ଓ ପ୍ରଭାବକୁ ନେଇ ପୂର୍ବାନୁମାନ କରିନି ଭାରତୀୟ ପାଣିପାଗ ବିଭାଗ । ଏସବୁ ଭିତରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ସଜାଗ ଅଛନ୍ତି ସରକାର । ସବୁ ପ୍ରକାର ସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ । ଆଗକୁ ରାତିର ତାପମାତ୍ରା ଆହୁରି ହ୍ରାସ ପାଇବ । ଅଥାର୍ତ ଜାଡ଼ରେ ଥରିବ ଓଡ଼ିଶା । ତେବେ କୁହୁଡ଼ିର ସେତେଟା ପ୍ରଭାବ ରହିବନି ବୋଲି କହିଛି ପାଣିପାଗ ବିଭାଗ ।

### ଦିଲ୍ଲୀ ବିକ୍ଷୋଭରେ ନିହତ...

ସେମାନଙ୍କୁ ଖୋଜାଯାଉଛି ଓ ଏହା ପଛରେ କିଏ ରହିଛି ନେଇ ଛାନବିନ କରୁଛି ପୁଲିସ । ପ୍ରଦର୍ଶନକାରୀଙ୍କ ଯୁକ୍ତି, ହିଡ୍‌ମା ଯେଉଁଭଳି ଭାବେ ଆଦିବାସୀଙ୍କ ଅଧିକାର ପାଇଁ ଲଢ଼େଇ କରିଥିଲେ, ସେଭଳି ନିଜେ ବଞ୍ଚିବାର ଅଧିକାର ପାଇଁ ଯୁବଗୋଷ୍ଠୀ ଆଗେଇ ଆସିଛନ୍ତି । ଦିଲ୍ଲୀର ବାୟୁ ପ୍ରଦୂଷଣ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏନେଇ ସରକାରଙ୍କଠୁ ସମସ୍ୟା ସମାଧାନ ଓ ଦାବି କରିଛନ୍ତି । ତେବେ ପ୍ରଶ୍ନ ଉଠିପାରେ ହିଡ୍‌ମାକୁ ଆଦର୍ଶ ମାନି ପ୍ରଦର୍ଶନ କରିବା ପଛର ପ୍ରକୃତ କାରଣ କ'ଣ ହୋଇପାରେ ? ସେମାନଙ୍କ ଯୁକ୍ତିକୁ କ'ଣ ସହଜରେ ଗ୍ରହଣ କରାଯାଇପାରିବ କି ?

# ସରକାରଙ୍କୁ ଧାନ କିଣାର ହିସାବ ମାଗିଲା ବିଜେଡି

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ସରକାରଙ୍କୁ ଧାନ କିଣାର ହିସାବ ମାଗିଲା ବିଜେଡି । ଆସନ୍ତାକାଲି ଠାରୁ ଧାନ କିଣା ହେବ। ପଞ୍ଜୀକରଣରେ ଗୁଡ଼ାଏ ଲୋକଙ୍କୁ ବାଦ ଦେଇଛନ୍ତି। ଯେଉଁଥିପାଇଁ ବରଗଡ଼ରେ ଚାଷୀ ରାଜରାସ୍ତାକୁ ଆସିଛନ୍ତି। ଗୋଦାମ ଖାଲି ନଥିବାରୁ ଚାଷୀଙ୍କୁ ବାଦ୍ ଦେଇଛନ୍ତି। ସରକାର ହିସାବ ଦିଅନ୍ତୁ ଧାନ କିଣି କେତେ ଅଧିକ ଅର୍ଥ ଦେଇଛନ୍ତି କେତେ ଚାଷୀ ଉପକୃତ ହୋଇଛନ୍ତି ଓ ବାଦ୍ ପଡ଼ିଛନ୍ତି ବୋଲି ଦାବି କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । ମନ୍ତ୍ରୀ ଯଦି କହୁଛନ୍ତି ଚାଷୀ ଓ ମିଲରଙ୍କ ଭିତରେ କଥାବାର୍ତ୍ତା ଯଦି ସରକାର ତାହାଲେ କିଏ ? ମୁଁ ବୁଝି ପାରୁନି ସରକାର ଏଠି ଅଛି ନା ନାହିଁ। ତାହାଲେ କଣ ମିଲର ଧାନ କିଣାରେ ଦୁର୍ନୀତି କରିବେ ଆଉ ସରକାରକୁ ଅର୍ଥ ଦେବେ। ଏହା ଗୋଟେ ବିଷମ ସ୍ଥିତି ସୃଷ୍ଟି କରିବ ବୋଲି ସେ କହିଛନ୍ତି।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ପାରାଦ୍ୱୀପରେ ଏକତା ପଦଯାତ୍ରା ଅନୁଷ୍ଠିତ

ପାରାଦ୍ୱୀପ, ୨୪/୧୧ (ନି.ପ୍ର): ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ପାରାଦ୍ୱୀପ ଠାରେ ଏକତା ପଦଯାତ୍ରା ଆୟୋଜନ ହୋଇଥିଲା। ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ଏହି ପଦଯାତ୍ରାଟି ପାରାଦୀପ ସରକାରୀ ଡିଗ୍ରୀ କଲେଜରୁ ଆରମ୍ଭ ହୋଇ ଏମ୍ପାୟାର ଛକ - ଲେଙ୍କା ଛକ - ବଡପଡିଆ - ଥାନା ଛକ - ଦେଇ ସୁଭାସ ବୋଷ ଷ୍ଟଚୁରେ ମାଲ୍ୟାର୍ପଣ କରିବା ସହିତ ଗୋପବନ୍ଧୁ ଷ୍ଟାଡିୟମ୍ ଥିବା ଗୋପବନ୍ଧୁ ଷ୍ଟଚୁରେ ମାଲ୍ୟାର୍ପଣ କରି ଶେଷ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ମାନ୍ୟବର ସାଂସଦ,ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ଶ୍ରୀ ନିରଞ୍ଜନ ବେହେରା, ପାରାଦ୍ୱୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ




ପଣ୍ଡା,ପାରାଦୀପ କଲେଜର ଅଧକ୍ଷ ଶ୍ରୀମତୀ ସସ୍ମିତା ଶତପଥୀ, ଶ୍ରୀ ନିଖିଳ କୋକୁଲା, ଜିଲ୍ଲା ଯୁବ ଅଧିକାରୀ, ମାଇଁ ଭାରତ - ଜଗତସିଂପୁର; ଏବଂ ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ, ଜଗତସିଂପୁର , କୁଜଙ୍ଗ ବ୍ଲକର ବିଡିଓ ଶ୍ରୀ ଦୀପକ ପ୍ରସାଦ ସ୍ୱାଇଁ ଏବଂ କୁଜଙ୍ଗ ବ୍ଲକର ତହସିଲଦାର ଶ୍ରୀ ସ୍ୱରୂପ ନନ୍ଦନ ବେହେରା ମଧ ଅଂଶଗ୍ରହଣ କରିଥିଲେ। ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସ୍ୱେଚ୍ଛାସ୍ୱେଁ, ସରକାରୀ ଅଧିକାରୀ ଏବଂ ନାଗରିକ ପଦଯାତ୍ରାରେ, ସର୍ଦ୍ଦାର ପଟେଲଙ୍କ ଜୀବନ ଏବଂ ଅବଦାନ ଦ୍ୱାରା ଅନୁପ୍ରାଣିତ ବ୍ୟାନର ଏବଂ ସ୍ଲୋଗାନ ଧରି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।ଏହି ଅବସରରେ ପାରାଦ୍ୱୀପ ସରକାରୀ ଡ଼ିଗ୍ରୀ ମହାବିଦ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ଙ୍କ ଅଧକ୍ଷତା ରେ ଆୟୋଜିତ ସାଧାରଣ ସଭା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଭାରତର ଏକତାର ସ୍ଥପତି ଭାବରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ । ସେ ,ସମସ୍ତଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ, ତାଙ୍କ ସମର୍ପଣ, ସେବା ଏବଂ ଜାତୀୟ ସଦ୍ଭାବର ମୂଲ୍ୟବୋଧକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସଭା ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନ୍ୟବର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ ସର୍ଦ୍ଦାର ପଟେଲ ଙ୍କ ଦୃଢ଼ ସଙ୍କଳ୍ପ ଓ ଦେଶପ୍ରେମ ର ଶିକ୍ଷା ସମାଜକୁ ହିଂସା, ଅସମାନତା ଓ ବିଭାଜନ ରୁ ଦୂରରେ ରଖେ। ତାଙ୍କର ଦୃଷ୍ଟିକୋଣ କୁ ଡ ତରାଇ ଦେଶ ର ଅଖଣ୍ଡତା ର ମୂଳମନ୍ତ୍ର ବୋଲି କହିଥିଲେ। ଯୁବପିଢ଼ୀ ଯଦି ସର୍ଦ୍ଦାର ପଟେଲଙ୍କ ଆଦର୍ଶରୁ ପ୍ରେରିତ ହୋଇ ଦେଶଗଠନରେ ଅଂଶଗ୍ରହଣ କରିବେ, ତେବେ ଆଗାମୀ ଭାରତ ଅଧିକ ସୁସଂଗଠିତ ଓ ସମୃଦ୍ଧ ହେବ। ଅତିଥି ମାନଙ୍କ ଉପସ୍ଥିତି ରେ ସମସ୍ତେ ଏକତା ର ଶପଥ ପାଠ କରିଥିଲେ।

# ବାସୁଦେବପୁରରେ ଗଠନ ହେଲା ଅଟଳ ସ୍ମୃତି କମିଟି

ବାସୁଦେବପୁର , ୨୪/୧୧ (ନି.ପ୍ର): ଭାରତ ର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାସୁଦେବପୁର ରେ ଗଠନ ହୋଇ ଯାଇଛି ଅଟଳ ସ୍ମୃତି କମିଟି। ଏହି ଅବସର ରେ ଆବାହକ ଡାକ୍ତର ଉମାକାନ୍ତ ଖୁଣ୍ଟିଆଙ୍କ ଆବାହନରେ ଏକ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ସ୍ଥାନୀୟ ହନୁମାନ ବାଟିକା ରେ ରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି।



ମଧୁସୂଦନ ପାଢ଼ୀଙ୍କ ସଂଯୋଜନାରେ ବିଭିନ୍ନ ପଞ୍ଚାୟତ ଓ ପୌର ପରିଷଦ ର ବିଭନ୍ନ ୱାର୍ଡ ରୁ ଆସି ଥିବା ଦୁଇ ଶହ ରୁ ଉର୍ଦ୍ଧ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷ ରେ ଜୟ ପ୍ରକାଶ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଦାଧର ପଲାଇ,ଭଗବାନ ମହାନ୍ତି, ପ୍ରଦୀପ ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରମୂଖ ଉପସ୍ଥିତ ରହି ସଫଳ କରାଇ ଛନ୍ତି।

# ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟରେ 'ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ' ପରିପାଳିତ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ରବିବାର ଦିନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭୁବନେଶ୍ୱରସ୍ଥ ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟରେ 'ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତ ବାର୍ଷିକ' ଗତ ଶନିବାର ଦିନ ମହାଡମ୍ବରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ନିହାରିକା ଦାସଙ୍କ ପୌରୋହିତ୍ୟରେ ହୋମ ତଥା ପୂଜା କାର୍ଯ୍ୟ ସମାପନ ପରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଜନ୍ମଦିନକୁ ଆହୁରି ଆକର୍ଷଣୀୟ କରିବାପାଇଁ କେକ୍ କାଟିବା ପରେ ବାବାଙ୍କ ଜନ୍ମଦିନ ଶୁଭେଚ୍ଛା ସଙ୍ଗୀତ ସମବେତ ଗାନ କରାଯାଇଥିଲା । ଉତ୍ସବରେ ସହଯୋଗ କରିଥିଲେ ଡ. ମୃଣ୍ମୟୀ ରଥ, ଅଧ୍ୟାପିକା ଡ. ରଶ୍ମିତା ପରିଡା, ଡ. ଆରୁଣି ମିଶ୍ର, ଡ. ସ୍ନିଗ୍ଧା ସମଦର୍ଶିନୀ, ଡ.ମୌସୁମୀ ମଧୁସ୍ମିତା ପଟ୍ଟନାୟକ, ଅଧ୍ୟାପିକା



ସୁଜାତା ପାହାନ, ଅଧ୍ୟାପିକା ସୁନିତା ନାଇକ, ଅଧ୍ୟାପିକା ଜୟନ୍ତୀ ସିଂ, ଶାଶ୍ୱତୀ ପତି, ଅଧ୍ୟାପକ ସଞ୍ଜୟ ରଣା,ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ, ଡ. ବନଜା ତାଲଦୀ, ଅଧ୍ୟାପିକା ବର୍ଷା ରାଣୀ ଓଝା, ଡ. ଅର୍ଚ୍ଚନା ପଟ୍ଟନାୟକ, ଅଧ୍ୟାପିକା ନିଲମ ଲାକ୍ରା, ଅଧ୍ୟାପିକା ମମତା ଷଡ଼ଙ୍ଗୀ,ଅଧ୍ୟାପିକା ଜ୍ୟୋସ୍ନାରାଣୀ ପଟ୍ଟନାୟକ, ମାନିନୀ ପଟ୍ଟନାୟକ, ଅଧ୍ୟାପିକା ବିନ୍ଦୁଲତାପଣ୍ଡା,ଡ. ଶୈବାଳିନୀ ବେହେରା, ଡ. ଅପରାଜିତା ମହାପାତ୍ର, ଅଧ୍ୟାପିକା ଶତହ୍ରଦା ମହାନ୍ତି, ଅଧ୍ୟାପିକା ସାନ୍ତ୍ୱନା ମହାନ୍ତି ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ତରୁଣ କୁମାର ନାୟକ, ଜଟାଧାରୀ ସ୍ୱାଇଁ, ପ୍ରଭାତ ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ଅନିତା କୁମାରୀ ଜେନା, ଜାନକୀ ସୋରେନ ପ୍ରମୁଖ। ଏହି ଉତ୍ସବରେ ମହାବିଦ୍ୟାଳୟର ବହୁ ପ୍ରାକ୍ତନ ଅବସରପ୍ରାପ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଶ୍ରୀ ସତ୍ୟସାଇ ବାବାଙ୍କ ଶ୍ରଦ୍ଧାଳୁ ଭକ୍ତବୃନ୍ଦ, ମହାବିଦ୍ୟାଳୟର ସମସ୍ତ ହିତାକାଂକ୍ଷୀ ପ୍ରାକ୍ତନ ସଦସ୍ୟଙ୍କୁ ନିମନ୍ତ୍ରିତ କରାଯାଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଶତାଧିକ ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ । ଶେଷରେ ମହାବିଦ୍ୟାଳୟ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୨୪/୧୧ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଜେପିର ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବିଦେଶୀ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରିବାକୁ ସମସ୍ତ ଦେବ ଦୁର୍ଲ୍ଲଭ କାର୍ଯ୍ୟ କର୍ତ୍ତା ଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକ ତପନ ମହାନ୍ତି, ବିଜୟ ମାଝି, ବାସୁଦେବପୁର




ନଗର ସଭାପତି ଆଶୁତୋଷ ସାମଲ, ବେତଡା ମଣ୍ଡଳ ସଭାପତି ଅମରେନ୍ଦ୍ର ନାୟକ, ପଦ୍ମପୁର ମଣ୍ଡଳ ସଭାପତି ଲିଙ୍କୁନ ଦଳେଇ, ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ଜୟ ପ୍ରକାଶ ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିଡିଆ ସଂଯୋଜକ ପ୍ରତାପ କୁମାର ପାଢ଼ୀ, ବାପି ଡ଼ାଙ୍ଗୁଆ,ସତ୍ୟ ନାରାୟଣ ଦାଶ, ଡକ୍ଟର ପ୍ରତାପ ନାୟକ, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଯୁବ କର୍ମୀ ଲକ୍ଷ୍ମୀକାନ୍ତ ଲେଙ୍କା, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରେମ୍ ଚାନ୍ଦ ମହାପାତ୍ର, ନରସିଂହପୁର ପଞ୍ଚାୟତର ବିଜେପିର ସଭାପତି ମନୋରଂଜନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ଦେ ମାତରଂ ଶହେ ପଚାଶ ବର୍ଷ ଉତ୍ସବ ପାଳନ ହୋଇ ଯାଇଛି। ଏହି ଉତ୍ସବରେ ଯୋଗ ଦେଇଥିଲେ ବରିଷ୍ଠ ନେତା ମଧୁସୂଦନ ପାଢ଼ୀ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ମନୋଜ ନାୟକ, ଅସିତ୍ କୁମାର ଦାଶ,ସନ୍ତୋଷ କୁମାର ମହାରଣା, ଶରତ କୁମାର ଖିଲାର, ଧୀରେନ୍ଦ୍ର ମହାନ୍ତି, ଅନାଦି ବେହେରା, ବିଦ୍ୟାଧର ମୁଦୁଲି, ଅଭୟ ଭାଇ,। ସମସ୍ତେ ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉନ୍ନତ ଚିନ୍ତାଧାରା, ବିକାଶକୁ ସମସ୍ତେ ପ୍ରଶଂସା କରିବା ସହିତ ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପିର ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସାଧାରଣରେ ଦାବି

କେନ୍ଦୁଝର, ୨୪/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବକ୍ସିବାରିଗାଁ ଗ୍ରାମପଞ୍ଚାୟତ ବାଇଜାପଡ଼ା ଗ୍ରାମ ତଳ ସାହି (ଠାକୁରାଣୀ ଶାଳ) ପାଖରେ ଥିବା ନଳକୂପଟି ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଏହାଦ୍ୱାରା ତଳ ସାହିରେ ବସବାସ କରି ରହିଥ ?ବା ପରିବାର ଲୋକେ ମୁନ୍ଦାଏ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖ ହେଉଛନ୍ତି। ଏହାକୁ ନେଇ ବାଇଜାପଡ଼ା ଗ୍ରାମ ତଳ ସାହିର ଜନସାଧାରଣ ହରିଚନ୍ଦନପୁର ବ୍ଲକ ଅଧୀନରେ କାର୍ଯ୍ୟରତ ଥିବା ଆର.ଡବ୍ଲୁ.ଏସ୍. ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ୍ କରି ଜଣାଇବା ପାଇଁ ବହୁ ଚେଷ୍ଟା ସତ୍ତ୍ୱେ ମଧ କନିଷ୍ଠ ଯନ୍ତ୍ରୀ ଫୋନ୍ ରିସିଭ୍ କରୁନଥବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**AFFIDAVIT**

An affidavit before the executive Magistrate and Tahasildar Basta, Balasore, I, Anasuya Jena, son/ daughter/wife of Sandeep Kumar das permanent resident of vill.- Batirangi, Po- Nuagan, Ps- Rupsa, Dist- Balasore, Odisha- 756028 state that I have changed my name from Anasuya Das to Anasuya Jena. Henceforth i shall be known as Anasuya Jena for all purposes.

**Anasuya Jena**

# ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର: ମୋଟ ୧୫୧ଟି ଅଭିଯୋଗ ଗ୍ରହଣ

ଜଳେଶ୍ୱର, ୨୪/୧୧ (ନି.ପ୍ର): ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣୀ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ଦଶ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଉପ ଜିଲ୍ଲାପାଳ ଶିବ ମାଲଭିୟା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ଥିଲେ।ବାଲେଶ୍ୱର ଏଡିଏମ (ରାଜସ୍ୱ) ହେମନ୍ତ ସିଂ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା,ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ହୋଇ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ପୌରନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ପ୍ରତ୍ୟକ୍ଷ ସହଯୋଗରେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ,ଡିଇଓ ବସନ୍ତ ନାୟକ,ବିଇଓ ଜଗବନ୍ଧୁ ଜେନା, ଟାଟା ପାୱାର ଏସଡିଓ ବିଦ୍ୟାଧର ପଣ୍ଡା, ଆର ଡବ୍ଲୁ ଏସ ଏସ ଏସ ଡି ଓ ଶେଷନାଗ ପ୍ରଧାନ, ଇରିଗେଶନ ଏସଡିଓ ପ୍ରିୟବ୍ରତ ସିଂ,ଏମ ଆଇ ଅବନ୍ତିକା ସାହୁ,ଏସଏଲଆର ଓ ଗ୍ରୀଭେନ୍ସ ଅଧିକାରୀ ଅମ୍ଳାନ ନାୟକ, ଡିଏସଡବ୍ଲ୍ୟୁ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର, ଡିଆରସିସି ସରୋଜିନି ନାୟକ, ଜଳେଶ୍ୱର ସିଡିପିଓ ମିନତି ସିଂ,ଡ୍ରେନେଜ ବିଭାଗର ଅଧିକ୍ଷକ ଯନ୍ତ୍ରୀ ବିକ୍ରମ କେଶରୀ ମଲ୍ଲିକ,ଉଦ୍ୟାନ ବିଭାଗ ଅଧିକାରିଣୀ ସୌମ୍ୟା ରଥ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗ ମଧ୍ୟରେ ବିଶେଷ କରି ରାସ୍ତା,ପିଇବା ପାଣି,ମଧୁବାବୁ ପେନସନ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ବିଧବା ଭତ୍ତା,ବିକଳାଙ୍ଗ ଭତ୍ତା, ଶ୍ରମିକ କାର୍ଡ,ଘରବାରୀ ପଟ୍ଟା,ରାସନ୍ କାର୍ଡ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା ।ଶିବିରରେ ମୋଟ ୧୫୧ ଟି ଅଭିଯୋଗ ଆସିଥିଲା ।ବ୍ଲକର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ସାହୁ,ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଜତ ଅନୁପମ,ସେକଶନ ଅଫିସର ମନ୍ଦାକିନୀ ସିଂ,ବ୍ଲକ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ନିରଞ୍ଜନ ନାୟକ,ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ କୁମାର ପାତ୍ର, ସିପି ସୁଜିତ କୁମାର ଜେନା ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAYURBHANJ IRRIGATION DIVISION, BARIPADA**
**e-mail:** exen.mid@gmail.com **FAX/TEL: 06792-295472**

**"E" PROCUREMENT NOTICE NO. 03MBJ/2025-26.**

| | |
|---|---|
| 1. Name of works | : Bank protection works, canal critical works and road works |
| 2. Total no. of works | : 09 (Nine) nos. of work. |
| 3. Estimated cost | : Varies from Rs. 9.30 lakhs to Rs. 49.32 lakhs |
| 4. Class of Contractor | : 'D' & 'C' and 'C' & 'B' and 'B' Class. |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : **25.11.2025 from 10.00 Hours to 04.12.2025 up to 17.00 Hours.** |
| | |
| (iii) Date, time and place of opening of Bid. | : **On 05.12.2025 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada. |
| **(iv) Date, time and place of Transparent Lottery (If required)** | : **The Transparent Lottery will be held on dt. 12.12.2025 at 11.00 AM in the O/o the Undersigned.** |
| 7. Further details can be seen from the 'e' Procurement Portal http://tendersorissa.gov.in | |

Superintending Engineer,
Mayurbhanj irrigation, Division,
Baripada

ମଙ୍ଗଳବାର, ନଭେମ୍ବର ୨୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାଲେଶ୍ୱର ଜିଲ୍ଲାର ବାରବାଟୀରେ ବାବା ବୁଢ଼ା କାର୍ତ୍ତିକଙ୍କର ଉଦଯାପନ ଦିବସ

ବାଲେଶ୍ୱର, ୨୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀ ୨୪ ନମ୍ବର ୱାର୍ଡ଼ରେ ବାବା ବୁଢ଼ା କାର୍ତ୍ତିକଙ୍କର ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବାବା ବୁଢ଼ା କାର୍ତ୍ତିକଙ୍କର ପୂଜା ୧୮୩୭ ମସିହାରୁ ପାଳିତ ହୋଇ ଆସୁଛି। ଆଦ୍ୟା ବିଧି ଏହି ବୁଢ଼ା କାର୍ତ୍ତିକଙ୍କର ପୂଜାପାଳିତ ହେଉଛି ।ଏହି ପୂଜା ର ନୀତି ଅତ୍ୟନ୍ତ ନିଆରା ୫ ଜଣ ବ୍ରାହ୍ମଣ ଜଣେ ଜ୍ୟୋତିଷ୍କ ପୂଜାରେ ଅଂଶଗ୍ରହଣ କରନ୍ତି ।ଏହି ପୂଜା କାର୍ତ୍ତିକ ସଂକ୍ରାନ୍ତି ରାତିରେ ଅନୁଷ୍ଠିତ ହୁଏ ଓ ୪ ପ୍ରହର ହୋଇଥାଏ । ତେଣୁ ବହୁ ଦୂର ଦୁରାନ୍ତରୁ ଭକ୍ତ ଶ୍ରଦ୍ଧାଳୁ



ଆସି ପୂଜାଦିନ ସ୍କୁଲ ଗୃହରେ ରହି ପୂଜା ଡଲା ଦେଇ ପୂଜାରେ ଅଂଶ ଗ୍ରହଣ କରିଥାନ୍ତି ।ବୁଢ଼ା କାର୍ତ୍ତିକ ପୂଜାରେ ସିଦ୍ଧ ହୋଇ ଥିବା ଶ୍ରଦ୍ଧାଳୁ ଭକ୍ତ ସୁନା ରୂପା ର ମୂଲ୍ୟବାନ ବସ୍ତୁ ମଧ ଦାନ କରିଥାନ୍ତି ଓ ବିଭିନ୍ନ ପ୍ରକାର ମିଠା ,ଛେନାପୋଡ଼ ,କ୍ଷୀର ଭୋଗ , କଦଳୀକାନ୍ଧି ଠାକୁରଙ୍କୁ ଦାନ କରନ୍ତି। ସବୁ ବର୍ଷ ପରି ଏବର୍ଷ ମଧ ସଂକ୍ରାନ୍ତି ଦିନ ପୂଜା ପାଇ ୭ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଉଦଯାପନ ଦିବସ ରେ ବାଳକ ଭୋଜନ ର ଆୟଜନ ହୋଇଥିଲା । ଏହି ଭୋଜି ପାଇଁ ଶ୍ରଦ୍ଧାଳୁ ଭକ୍ତ ନିଜେ ନିଜେ ଦାନ କରନ୍ତି ଠାକୁର ଙ୍କ ମହିମା ଥିବାରୁ ପିଲାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା ପାଇଁ ଦାନ କରିଥାନ୍ତି। ସବୁବର୍ଷ ପରି ଏବର୍ଷ ମଧ ମହାସମାରୋହରେ ଉଦଯାପନ ଦିବସ ପାଳିତ ହୋଇଥିଲା ୧୦ ରୁ ୧୫ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏହି ବୁଢ଼ା କାର୍ତ୍ତିକ ପୂଜାରେ ଗ୍ରାମର ବୁଦ୍ଧିଜୀବୀ , ଯୁବଗୋଷ୍ଠି , ପରିଚାଳନାରେ ସହଯୋଗ କରିଥିଲେ।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା -୨୦୨୫ ଉଦ୍‌ଯାପିତ

### ମହୋତ୍ସବ ଐତିହ୍ୟ, ଇତିହାସ,ସଂସ୍କୃତି ଓ ପରମ୍ପରାକୁ ଉଜାଗର କରେ

ଭଦ୍ରକ, ୨୪/୧୧ (ନି.ପ୍ର): ମହୋତ୍ସବ ସ୍ଥାନୀୟ ଅଂଚଳର ଇତିହାସ, ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜାଗର କରିବା ସହ ସାରସ୍ୱତ ପ୍ରତିଭାକୁ ଆବିଷ୍କାର କରେ ଓ ସମ୍ମାନିତ କରେ। ଅପରପକ୍ଷରେ ପୁସ୍ତକ ମେଳା , ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ ଓ ବାଣିଜ୍ୟର ମଧୁର ମିଳନର ସାରସ୍ୱତ ସମାରୋହ ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଏବଂ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ



ସୁଧୀରଞ୍ଜନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଅଖିଳ ଭାରତୀୟ ଚିକିତ୍ସା ସଙ୍ଘ,ଓଡ଼ିଶା ସଭାପତି ଡା. ହରେକୃଷ୍ଣ ନାୟକ, ବରିଷ୍ଠ ଗୀତିକବି ସାଧୁ ଚରଣ ମହାପାତ୍ର, ରୋଟାରୀୟାନ୍ ଅଧ୍ୟାପକ ଶେଖ୍ ନାସିର ବକ୍ସ, ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ମନମୋହନ ସଂଗୀତ ପରିଷଦର ସମ୍ପାଦକ ତଥା ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବି ନାରାୟଣ ଖିଲାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ସହ ଅତିଥି ପରିଚୟ, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଉପସଭାପତି ଡାକ୍ତର ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଡା. ହରେକୃଷ୍ଣ ନାୟକଙ୍କୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା - ୨୦୨୫ ସମ୍ମାନ , ଗୀତିକବି ସାଧୁ ଚରଣ ମହାପାତ୍ର, କବି ଓ ସଂଗଠକ ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ସାହିତ୍ୟିକ ଓ କବି କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଇରମ ମାଟିର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ କମଳା ପ୍ରସାଦ କରଙ୍କ ସ୍ମୃତିରେ ପ୍ରଦତ୍ତ 'ସଂଗ୍ରାମୀ କମଳା ପ୍ରସାଦ କର ସ୍ମୃତି ସମ୍ମାନ -୨୦୨୫' ପ୍ରଦାନ କରାଯାଇଥିଲା।ଏହି ଅଧିବେଶନ ପୂର୍ବରୁ ସେବା ନିବୃତ୍ତ କୃଷିବିତ୍ ଅରୁଣ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତିକବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଟ୍ୟଶ୍ରୀ ନିର୍ମଳ ରାଉତ, 'ରୂପ ରଂଗ' ସମ୍ପାଦକ , ଗୀତିକବି ରମାକାନ୍ତ ଦାସ, ବରିଷ୍ଠ କବି ବାବୁଲାଲ ଦାସ, କବି ଓ ନାଟ୍ୟନିର୍ଦ୍ଦେଶକ ସାରଥୀ ପଣ୍ଡା, ଶିକ୍ଷାବିତ୍ ଶୀତଳ ବେହେରା, ପ୍ରଧାନ ଶିକ୍ଷକ ରବି ନାରାୟଣ ମିଶ୍ର,କବୟିତ୍ରୀ ସୁରୁଚି ଦାଶ, ବୀଣାପାଣି ତ୍ରିପାଠୀ ଓ ପ୍ରାଧ୍ୟାପିକା ପ୍ରମୋଦା ପଣ୍ଡା ପ୍ରଭୃତି ପ୍ରମୁଖ ବହୁ କବି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ କବି, ଶିକ୍ଷକ ଗୟାଧର ଦାସ ଓ କବୟିତ୍ରୀ ମମତା ରାଣୀ ଦାଶ କବିତା ସଂଯୋଜନା କରିଥିଲେ ଏବଂ ବହୁ କବି ଓ କବୟିତ୍ରୀ ଗୀତିକବିତା ପାଠ କରିଥିଲେ।ଏହା ପରେ ପରେ ଭୂମି କନ୍ୟା ମହିଳା ସଂଗଠନ ତରଫରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସଭାନେତ୍ରୀ ସଂଯୁକ୍ତା ବଳ ନାୟକ ଓ ସମ୍ପାଦିକା ଦମୟନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ମହୋତ୍ସବର ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ ଓସହସମ୍ପାଦିକା ଅଞ୍ଜନା ମିଶ୍ର କାର୍ଯ୍ୟକ୍ରମ ଓ ମଂଚ ପରିଚାଳନା କରିଥିଲେ।

## ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର




ବାରିପଦା, ୨୪/୧୧ (ନି.ପ୍ର): ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ '' ରୂପାନ୍ତର'' ସାଂସ୍କୃତିକ ଓ ସାମାଜିକ ସଂଗଠନ ତରଫରୁ ଆରମ୍ଭ ହୋଇଥିବା ବହୁଭାଷୀ ନାଟକ ମହୋତ୍ସବ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ''ପ୍ରତିଶ୍ରୁତି'' ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ବହୁଭାଷୀ କବିତା ପାଠୋତ୍ସବ ଓ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କିତ ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ 'ପ୍ରତିଶ୍ରୁତି'ର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷାର ସମୃଦ୍ଧ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଭାଷା ସମ୍ପର୍କିତ ଆଲୋଚନା ଚକ୍ରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ପ୍ରସାଦ ବେହେରା ମୁଖ୍ୟ ଅତିଥି ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ସୁଗାୟିକା ସୁଶ୍ରୀ ଭାରତୀ ବେବର୍ତ୍ତା, କବୟିତ୍ରୀ ସ୍ନେହଲତା ନାୟକ ଓ ଭାସ୍ୱତୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବହୁଭାଷୀ କବିତା ପାଠୋତ୍ସବରେ ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଇଂରାଜୀ , ଓଡ଼ିଆ, ସାନ୍ତାଳୀ, ମୁଣ୍ଡାରୀ ଓ ହୋ ପ୍ରଭୃତି ଭାଷାରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ତାଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ଅବସରରେ ଡକ୍ଟର ବେହେରା ଓ ଡକ୍ଟର ଚକ୍ରଙ୍କୁ "ରୂପାନ୍ତର'' ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କାଂଶବାଂଶ ନଦୀ ଖୋଲା ଓ ସେତୁ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ

ଖଇରା, ୨୪/୧୧ (ନି.ପ୍ର): ଭଦ୍ରକ ଡ୍ରେନେଜ ବିଭାଗ ପକ୍ଷରୁ ଖଇରା ବ୍ଲକ ଅଧୀନ ରେ ୨କୋଟି ୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କାଂଶବାଂଶ ନଦୀ ଖୋଲା ଓ ପୋଲ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡୁଙ୍ଗୁରା ପଞ୍ଚାୟତର ବାରାପୁର ଠାରେ ନିର୍ମିତ ଫଳକର ଶୁଭ ଉନ୍ମୋଚନ କରିଥିଲେ । ବିଶିଷ୍ଟ ଭାଜପା ନେତା ଶଙ୍କର୍ଷଣ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅମରିଆ, ରଘୁନାଥପୁର ଓ କିଶୋର ନଗର ଠାରେ ୩ଗୋଟି ପୋଲ ନିର୍ମାଣ ଓ



ନଦୀ ଖୋଲା କାର୍ଯ୍ୟ ଲୋକ ମାନଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ସହ ଯାତାୟାତ ରେ ସୁବିଧା ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଠିକାଦାର ଗୋଲକ ବିହାରୀ ପତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ବାରାହାପୁର ଠାରେ ବିଧାୟକଙ୍କ ଦ୍ୱାରା ବହୁ ପୁରୁଣା ଦୁର୍ଗାମଣ୍ଡପ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ

ବେତନଟୀ, ୨୪/୧୧ (ନି.ପ୍ର): ବେତନଟୀ ବ୍ଲକ ସ୍ଥିତ ବେତନଟୀ ମହାବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଜିଲ୍ଲା ମହା ବିଦ୍ୟାଳୟ ପ୍ରମୁଖ କିଶୋର କୁମାର ମହାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସଞ୍ଜୟ କୁମାର ଚୌଧୁରୀ ଯୋଗ ଦେଇ ଯୁବକ ମାନଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରାରେ ଉଦବୁଦ୍ଧ ହୋଇ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଶ୍ରୀଯୁକ୍ତ ସର୍ବେଶ୍ୱର ବେହେରା ଯୋଗଦେଇ




ସ୍ୱାଧୀନତାରୁ ସ୍ୱତନ୍ତ୍ରତା ଓ ସ୍ୱାବଲମ୍ବନ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମୟୂରଭଞ୍ଜ ବିଭାଗ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ତୁଷାର କାନ୍ତି ମହାନ୍ତ ଯୋଗ ଦେଇ ଭାରତର ଗୌରବମୟ ଇତିହାସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ବାପି ଭାଇ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଗଜେନ୍ଦ୍ର ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବେତନଟୀ ଖଣ୍ଡ ସଂଘଚାଳକ ମାନନୀୟ ଗନ୍ଧମାର୍ଦ୍ଦନ ଦେହୁରୀ ମଞ୍ଚାସୀନ ରହିବା ସହିତ ଧର୍ମ ଜାଗରଣ ପୂର୍ବ ପ୍ରାନ୍ତ ପ୍ରମୁଖ ଶ୍ରୀଯୁକ୍ତ ଆଲୋକ କୁମାର ଖଟୁଆ ଉପସ୍ଥିତ ଥିଲେ । ଉକ୍ତ ସମ୍ମିଳନୀର ପ୍ରାରମ୍ଭରେ ପ୍ରଦର୍ଶିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୀଲ ଭାଇ ପରିଚାଳନା କରିଥିଲେ। ଯୁବକମାନଙ୍କ ମନରେ ଦେଶଭକ୍ତି ଭାବନା ଜାଗ୍ରତ କରିବା ପାଇଁ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ୩୦୦ରୁ ଉର୍ଦ୍ଧ୍ୱ ଯୁବ ବନ୍ଧୁମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ସଞ୍ଜୟ କୁମାର ଚୌଧୁରୀଙ୍କ ଦ୍ୱାରା ସଂଙ୍କଳିତ ଲୋକ କାହାଣୀ 'ଜୀବନ ମନ୍ତ୍ର' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୬ ଜଣ ଏବଂ ସମାଜ ସେବା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଗ୍ରିଆ ସ୍ଥିତ ବୀଣାପାଣି କ୍ଲବ୍‌କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସଫଳ ହୋଇଥିଲା।

## ଆସନ୍ତା ୨୯ରୁ ମା ଶିରାଦେବୀ କ୍ରିକେଟ କ୍ରିକେଟ ଟୁର୍ନାମେଣ୍ଟ

ଖଇରା, ୨୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଠାରେ ୩୧ତମ ଶୀରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତ ଡିସେମ୍ବର ୨୯ତାରିଖରୁ ଅନୁଷ୍ଠିତ ହୋଇ ଜାନୁଆରୀ ୧ତାରିଖରେ ଉଦଯାପିତ ହେବ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ରବିବାର ଦିନ ଶ୍ରୀରାମପୁର ଖେଳ ପଡିଆରେ ବିଷ୍ଣୁମୋହନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୮ଗୋଟି ଟିମ ଅଂଶ ଗ୍ରହଣ କରିବେ । ଉକ୍ତ ବୈଠକରେ ରାଜେନ୍ଦ୍ର ସେଠୀ,ସିଧାଂଶୁ ମୁଦୁଲି,ପ୍ରହ୍ଲାଦ ପୃଷ୍ଟି ,ଲିପୁ ଦାସ,ତନ୍ମୟ ପଣ୍ଡା,କମଳାକାନ୍ତ ପୃଷ୍ଟି ଓ ମାନସ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

## ଖଇରାର ବିଭିନ୍ନ ସାଇ ମନ୍ଦିରରେ ଜନ୍ମୋତ୍ସବ

ଖଇରା, ୨୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସମିତି ଅଧୀନସ୍ଥ ବିଭିନ୍ନ ସାଇ ମନ୍ଦିରରେ ବାବାଙ୍କ ୧୦୦ତମ ଜନ୍ମୋତ୍ସବ ଖଇରା ତଥା ରଟିଣା ମନ୍ଦିର ପରିସରରେ ଦିବସ ବ୍ୟାପି ପାଳନ କରାଯାଇଛି । ସାଇ ଭକ୍ତ ମାନଙ୍କ ଦ୍ୱାରା ସୁପ୍ରଭାତମ, ବେଦପାଠ, ନଗର ସଂକୀର୍ତ୍ତନ, ମଙ୍ଗଳବାଦ୍ୟ, ଷୋଡଶ ଉପଚାର ପୂଜା, ପାଲିଙ୍କିଯାତ୍ରା ଇତ୍ୟାଦି କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସଂଧ୍ୟାରେ ଶହେ ଦ୍ୱିପ ପ୍ରଜ୍ଜ୍ୱଳନ କରାଯାଇଥିଲା । ପ୍ରଥମେ ଖଇରା ଠାରେ ଓ ପରେ ରଟିଣାଠାରେ ଭକ୍ତ ନିକୁଞ୍ଜ କିଶୋର ଦାସଙ୍କ ସହଯୋଗରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଖଇରା ଠାରେ କୃଷ୍ଣଚନ୍ଦ୍ର ପତ୍ରୀ,ରଘୁନାଥ ପତ୍ରୀ ଓ ଶଶିଭୂଷଣ ମହାପାତ୍ର ଓ ରଟିଣା ଠାରେ ଆବାହକ ଅକ୍ଷୟ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

## ଶ୍ୟାମସୁନ୍ଦର ଯୁବକ ସଂଘର ଦୁର୍ଗାମଣ୍ଡପ ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୨୪/୧୧ (ନି.ପ୍ର): ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ଦିଗରେ ଜନସାଧାରଣଙ୍କ ଦାବି ଅନୁଯାୟୀ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଅବିରତ ଉଦ୍ୟମ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ଏହିକ୍ରମରେ ବାଲେଶ୍ୱର ପୌରପାଳିକାର ୧୨ନଂ ୱାର୍ଡର ଦାମୋଦରପୁର ଠାରେ ବହୁ ପ୍ରତିକ୍ଷିତ ପ୍ରକଳ୍ପ ଶ୍ୟାମସୁନ୍ଦର ଯୁବକ ସଂଘର ଦୁର୍ଗାମଣ୍ଡପର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ଦେଇଛନ୍ତି ବିଧାୟକ ଶ୍ରୀ ଦତ୍ତ । ଏଥି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦୁଇଟି ପର୍ଯ୍ୟାୟରେ ୫ଲକ୍ଷ ଓ ୩ଲକ୍ଷ ଟଙ୍କାକୁ ମିଶାଇ ମୋଟ ୮ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ସମସ୍ତ ପ୍ରକଳ୍ପକୁ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ଦାବି କରିଆସୁଥିଲେ । ଅତଏବ ଦୁର୍ଗାମଣ୍ଡପର



ନବୀକରଣ ସହ ସାମନାରେ ଥିବା ଖୋଲା ଜାଗାରେ କଂକ୍ରିଟ ଢଲେଇ ଛାତ ପକାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ତେବେ ପ୍ରସ୍ତାବିତ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ପ୍ରଦତ୍ତ ଅର୍ଥ ପର୍ଯ୍ୟାପ୍ତ ହେବ ନାହିଁ । ତେଣୁ ଆଗାମୀ ଦିନ ଅନ୍ୟ ଯୋଜନା ଅନୁଦାନ ମାଧ୍ୟମରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି । ଶ୍ୟାମସୁନ୍ଦର ଯୁବକ ସଂଘ ସଭାପତି ସୁରଞ୍ଜନ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଉପେନ୍ଦ୍ର ଶତପଥୀ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଯୋଗେନ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଯୁବକ ସଂଘର ସମ୍ପାଦକ ରଞ୍ଜନ କିଶୋର ରଣା ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହ ଗ୍ରାମବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣରେ ପ୍ରୟାସ ଓ ପଦକ୍ଷେପ ପାଇଁ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧିରଜ ମହାନ୍ତି, ବିଜୟ ପୃଷ୍ଟି, ଜୟନ୍ତ ସେଠି, ହରେନ୍ ଚନ୍ଦ୍ର ରଣା, ନବ କିଶୋର ରଣା, ଲକ୍ଷ୍ମୀନାରାୟଣ ଘୋଷ, ଅଶୋକ ନନ୍ଦୀ, ଆଲୋକ ପଣ୍ଡା, ସୁଶାନ୍ତ ରଣା, ଦେବ କିଶୋର ରଣା, ତାରାପଦ ଦେ, ଜିତେନ୍ଦ୍ର ହୋତା, ରାଜେଶ ବର୍ଦ୍ଧନ, ପ୍ରଦୀପ ଦାସ, ସୁନିତ୍ ତାଳଦି, ରବିନାରାୟଣ କର, ଦେବବ୍ରତ ଦାସ, ଲମ୍ବୋଦର ପ୍ରଧାନ, ମିନତି ସେଠୀ, ଝୁନୁରାଣୀ ବାରିକ, ବିଷ୍ଣୁପ୍ରିୟା ଅଧିକାରୀ ପ୍ରମୁଖ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ଥିଲେ ।

## ହରିଶ୍ଚନ୍ଦ୍ର ଟଙ୍କା ପାଉନାହାଁନ୍ତି ହିତାଧିକାରୀ: ଭଣ୍ଡଗାଁ ସରପଂଚ ଆଣିଲେ ଅଭିଯୋଗ

ଉଦଳା, ୨୪/୧୧ (ନି.ପ୍ର): କୌଣସି ଲୋକ ମୃତ୍ୟୁବରଣ କଲେ ତାର ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ସରକାର ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥାନ୍ତି । କିନ୍ତୁ ଉକ୍ତ ଟଙ୍କା ପାଇବାରୁ ବହୁ ହିତାଧିକାରି ବଂଚିତ ହେଉଛନ୍ତି ବୋଲି ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଭଣ୍ଡଗାଁ ଗ୍ରାମପଂଚାୟତର ସରପଂଚ ସାବିତ୍ରି ହେମ୍ବ୍ରମ ଅଭିଯୋଗ କରିଛନ୍ତି । ଅନେକ ସମୟରେ ସରପଂଚ ନିଜ ହାତରୁ ଏହିଟଙ୍କା ହିତାଧିକାରିଙ୍କୁ ପ୍ରଦାନ କରୁଛନ୍ତି । ପରେ କାର୍ଯ୍ୟରତ ସରକାରି ବାବୁ ମାନେ ଉକ୍ତ ଟଙ୍କା ଆଉ ସରପଂଚଙ୍କୁ ଫେରାଉ ନାହାଁନ୍ତି ବୋଲି ସାବିତ୍ରି ଜଣାଇଛନ୍ତି । ଭଣ୍ଡଗାଁ ଏକ ସ୍ୱତନ୍ତ୍ର ପଂଚାୟତ ଭାବରେ ଘୋଷଣା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଏଠାରେ ଏକ ଆଖିଦୃଷ୍ଟିଆ କାର୍ଯ୍ୟାଳୟର ଗୃହ ନଥିଲା । ଏବେ ସୁନ୍ଦର କାର୍ଯ୍ୟାଳୟର ଗୃହଟିଏ ନିର୍ମିତ ହୋଇ ପାରିଛି । ଏହା ମୋ ସରପଂଚ କାର୍ଯ୍ୟକାଳର ସବୁଠାରୁ



ଭଲକାମ ହୋଇଛି ବୋଲି ସାବିତ୍ରି କହିଛନ୍ତି । ସେହିପରି ଜନଜାଗୃତି ମଂଚର ନେତୃତ୍ୱରେ ଜିଲ୍ଲାରେ ଚାଲିଥିବା ପରମ୍ପରା ବିକାଶ ଯାତ୍ରା ଅବସରରେ ଏହି ପଂଚାୟତରେ 'ଛଅ ତିଅଣ ନଅ ଭଜା' ଓ 'ଆସ ଆମେ ଖେଳିବା'ର ପର୍ବ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଲୋକେ କିପରି ଖାଦ୍ୟ ପ୍ରସ୍ତୁତ କରୁଥିଲେ ବର୍ତମାନ ଏପରି ଖାଦ୍ୟ ଆଉ ଦେଖିବାକୁ ମିଳୁନାହିଁ, ଏହାକୁ ନେଇ ଏକ ପ୍ରଦର୍ଶନି ଷ୍ଟଲ ଖୋଲାଯାଇଥିଲା । ଯାହାର ନାମ 'ଛଅ ତିଅଣ ନଅ ଭଜା' ରଖା ଯାଇଥିଲା । ସେହିପରି ପୂର୍ବରୁ ଗାଁର ପିଲାମାନେ ବିଭିନ୍ନ ପ୍ରକାର ଖେଳ ଖେଳୁଥିଲେ । ଯାହାକି ଆଜି ଆଉ ଦେଖାଯାଉ ନାହିଁ ଏହିସବୁ ପୁରୁଣା ଖେଳକୁ ନେଇ ଉତ୍ସବ ଆୟୋଜିତ ହୋଇଥିଲା । ଏହାର ନାମ 'ଆସ ଆମେ ଖେଳିବା' ରଖାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ସରପଂଚ ସାବିତ୍ରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ 'ଜନ ଜାଗୃତି ମଂଚ'ର ଏପରି ଏକ ଅଭିନବ ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ । ଦିଲ୍ଲିରୁ ଆସିଥିବା ଚଳଚିତ୍ର ସୁଟିଂ ଦଳ ମଧ ଏଠାକୁ ଆସି ଉକ୍ତ କାର୍ଯ୍ୟକ୍ରମକୁ ସୁଟିଂ କରିଥିବାର ଜଣାଯାଇଛି । କିଛିଦିନ ପୂର୍ବେ ସରପଂଚ ମାନଙ୍କୁ ମଂଚ ତରଫରୁ ଡ଼ିଜିଟାଲ ସାକ୍ଷରତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା ଉକ୍ତ ତାଲିମ କେମିତି ଲାଗିଲା ବୋଲି ପଚାରିବାରୁ ସରପଂଚ ସାବିତ୍ରି କହିଲେ ଏହା ବହୁତ ଭଲ ଲାଗିଲା, ଆହୁରି ଅଧିକ ଦିନ ଏହା ଚାଲିଥିଲେ ଭଲ ହୋଇଥାନ୍ତା । ସରପଂଚ ସାବିତ୍ରି ହେମ୍ବ୍ରମଙ୍କ ସହିତ ରାଣିବନ୍ଧ ପଂଚାୟତର ସରପଂଚ ମମତା ଖଟୁଆ ମଧ 'ଜନଜାଗୃତି ମଂଚ' ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଣେ ଅତିଥି ଭାବରେ ଯୋଗ ଦେଇଥିଲେ । ତେବେ ଉକ୍ତ ଦୁଇ ସରପଂଚ ମିଳିମିଶି ଆଗାମୀ ଦିନରେ ଲୋକଙ୍କ ସେବା ପାଇଁ ଉଦ୍ୟମ କରିବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି । କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଗୋପବନ୍ଧୁନଗର ବ୍ଲକ ଅଂଚଳ ମଧ୍ୟରେ ଆଦୌ ହେଉନଥିବାରୁ ଉଭୟ ରାଣିବନ୍ଧ ଓ ଭଣ୍ଡଗାଁର ସରପଂଚ କ୍ଷୋଭ ପ୍ରକାଶ କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida